■ ମଦ ବ୍ୟବସାୟୀଙ୍କ ଗୁରୁତର ଅଭିଯୋଗ

# କନଷ୍ଟେବଲଙ୍କ ଦ୍ୱାରା ବଟି ଆଦାୟ କରୁଛନ୍ତି ଏସ୍‌ଡିପିଓ

ବ୍ରହ୍ମପୁର/ଛତ୍ରପୁର, ୩।୭ (ସମିସ)

ଗଞ୍ଜାମ ଜିଲ୍ଲା ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନାଙ୍କ ନାମରେ କୋଟିନଡ଼ା ଥାନା ଅଧୀନସ୍ଥ ସିନ୍ଧି ନୂଆଗାଁର ମଦ ବ୍ୟବସାୟୀ ଶିବରାମ ସାହୁ ଆଣିଛନ୍ତି ଗୁରୁତର ଅଭିଯୋଗ। ଆସିକା ଏସ୍‌ଡିପିଓ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିଭିନ୍ନ ଅନୀତି କାର୍ଯ୍ୟରେ ଲିପ୍ତଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ସେ ଆସିକା ଥାନାରେ ଇନ୍ସପେକ୍ଟର ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବାବେଳେ କନଷ୍ଟେବଲ ମୁକ୍ତିରାମ ପ୍ରଧାନଙ୍କ ଜରିଆରେ ପୂର୍ବଭଳି ପୁଣି ବିଭିନ୍ନ ବ୍ୟବସାୟୀଙ୍କଠାରୁ ବଟି ଆଦାୟ କରୁଛନ୍ତି। ବଟି ନଦେଲେ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ କରାଇଦେବାକୁ ଧମକ ମିଳୁଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଶିବରାମ ସାହୁଙ୍କ ପତ୍ନୀଙ୍କ ନାମରେ ଏକ ଦେଶୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି। ମାସିକ ଦେଢ଼ଲକ୍ଷ ଟଙ୍କା ବଟି ନଦେଲେ ଦୋକନା ବନ୍ଦ କରିଦେବାକୁ କୁଆଡେ ଏସ୍‌ଡିପିଓ ଶ୍ରୀ ଜେନାଙ୍କ ନିର୍ଦ୍ଦେଶ ରହିଛି। ବହୁ ହଇରାଣ ହରକତ ହେବାପରେ ଗତ ମେ ୩ତାରିଖରେ ୪ମାସର ବକେୟା ୬ଲକ୍ଷ ଟଙ୍କା ଶିବରାମ ଶ୍ରୀ ଜେନାଙ୍କୁ ବଟି ଦେଇଥିବା କହିଛନ୍ତି। ପରେ ଆଉ ଟଙ୍କା ଦେବା ସମ୍ଭବପର ନଥିବା କହିବା ପରେ ସମ୍ପୃକ୍ତ ଅଞ୍ଚଳରେ ମଦ ବିକ୍ରି କରାଇଦେବିନି ଏବଂ ତାଙ୍କ ଅଧୀନସ୍ଥ ଥାନାଗୁଡ଼ିକରେ ବିଭିନ୍ନ ମାମଲାରେ ଛନ୍ଦି ଦେବାକୁ ଧମକ ମିଳିଥିବା ଶିବରାମ ଅଭିଯୋଗ କରିଛନ୍ତି। ଏପରିକି ଶିବଙ୍କ ବ୍ୟବସାୟିକ ତଥା ରାଜନୈତିକ ଶତ୍ରୁଙ୍କ ସହ ହାତମିଳାଇ ତାଙ୍କୁ ଜୀବନରେ ମାରିଦେବାକୁ ଗତ ମେ ୭ତାରିଖରେ ଉଦ୍ୟମ ହୋଇଥିବା ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଆକ୍ରମଣ ଘଟଣାରେ ଯଦିଓ କିଛି ଗାଡ଼ି ଏବଂ ଆସାମୀଙ୍କୁ ଧରାଯାଇଥିଲା ପରବର୍ତ୍ତୀ ସମୟରେ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କ ଘନିଷ୍ଠତା ଯୋଗୁଁ ଆସାମୀ ଏବଂ ଜବତ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଥଇବା ଶିବରାମ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଗୃହସଚିବ, ଗଞ୍ଜାମ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଜଣାଇଥିବା ସେ କହିଛନ୍ତି। ସେହିଭଳି କୋଟିନଡ଼ା ଥାନାରେ ମଧ୍ୟ ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ଓ କନଷ୍ଟେବଲ ମୁକ୍ତିରାମ ପ୍ରଧାନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ବାଧ୍ୟ ହୋଇ ଆସିକା ଜେଏମ୍‌ଏଫସିଙ୍କ କୋର୍ଟରେ ଉଭୟଙ୍କ ବିରୋଧରେ ୬/୨୦୨୫ରେ ଏକ ୱାନସିସି ମାମଲା ଦାୟର କରିଥିବା ମଦ ବ୍ୟବସାୟୀ ଶିବରାମ ସାହୁ କହିଛନ୍ତି। ଘଟଣା ପରେ ତାଙ୍କ ଜୀବନ ସହିତ ବ୍ୟବସାୟ ବିପଦରେ ଥିବା ଦର୍ଶାଇ ସେ କୋର୍ଟର ଆଶ୍ରୟ ହୋଇଥିବା ଶିବରାମ ଏବଂ ତାଙ୍କ ଓକିଲ ଦିଲ୍ଲୀପ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏ ନେଇ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

■ ପୁଣି ମାତିଲେ ଚୋର

## ଗୋଟିଏ ସାହିର ତିନି ଘରୁ ଚୋରି



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ପୁଣି ସିରିଏଲ୍ ଚୋରି ହୋଇଛି। କିଛି ମାସ ପୂର୍ବେ ଦାମୋଦର ବିହାରରେ ମଧ୍ୟ ସମାନ ଭାବେ ଏପରି ସିରିଏଲ୍ ଚୋରି ହୋଇଥିଲା। ଘର କବାଟର ତାଲା ନିକଟରେ ସମାନ ଢଙ୍ଗରେ କଟାଯାଇଥିବା ଦେଖିବାକୁ ମିଳିଛି।। ଗତକାଲି ବିଳମ୍ବିତ ରାତିରେ ସହରର ନୂଆନଡିଆ ତୋଟା ସାହିରେ ଅରକ୍ଷୀତ ମହାରଣା, କାଶୀନାଥ ଆଚାର୍ଯ୍ୟ ଓ ପଦ୍ମନାଭ ଦାସଙ୍କ ଘରୁ ଚୋରି ହୋଇଛି। କାଶୀନାଥ ଓ ପଦ୍ମନାଭଙ୍କ ଘରୁ କେତେ ଟଙ୍କା ବା ସାମଗ୍ରୀ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଅରକ୍ଷୀତଙ୍କ ଘରୁ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବାର ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ଘଟଣାକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଜଟିଳ ମାମଲାର ସମାଧାନ କରୁଥିବା ଗଜପତି ପୁଲିସ୍ ଚୋରି ଘଟଣାର ଟେର୍ କିପରି ପାଉନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ରଷିକୁଲ୍ୟାରେ ବୁଡ଼ିଗଲେ ବୃଦ୍ଧ

ଧରାକୋଟ, ୩।୭ (ସମିସ): ଧରାକୋଟ ଥାନା ସରଧାପୁର ପଞ୍ଚାୟତ ଲକ୍ଷ୍ମୀପୁର ବାଲିଘାଟ ରଷିକୁଲ୍ୟା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ୍ମୀପୁର ଗ୍ରାମର ସୀତାରାମ ଗୌଡ଼(୬୯)। ସେ ଗୁରୁବାର ସକାଳେ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ଅଚାନକ ଗୋଡ ଖସିଯିବାରୁ ନଦୀ ପାଣିରେ ବୁଡ଼ି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସମୂହ ଛୁଟିରେ ଗଲେ ୫ ଅଧିକାରୀ

ବୁଗୁଡା, ୩।୭ (ସମିସ): ଭୁବନେଶ୍ୱର ମହାନଗର ନିଗମ(ବିଏମସି)ରେ କାର୍ଯ୍ୟରତ ଆଡିସନାଲ କମିଶନର ବରିଷ୍ଠ ଓଏଏସ୍ ରତ୍ନାକର ସାହୁ କିଛି ଦୁର୍ବୃତ୍ତଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଘଟଣା ସମ୍ପ୍ରତି ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଥିବା ବେଳେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ଦୃଢ଼ ପ୍ରତିବାଦ କରିବାକୁ ଯାଇ ବୁଗୁଡାର ତହସିଲଦାର ତାପସ ରାଉତ (ଓଏଏସ୍), ବିଡିଓ ଦୃତିକୃଷ୍ଣ ପାତ୍ର (ଓଏଏସ୍), ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା (ଓଆର୍‌ଏସ୍) ସବରେଜିଷ୍ଟ୍ରର ସବିତା ଦଳାଇ (ଓଆରଏସ), ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ (ଓଆର୍‌ଏସ୍) ପ୍ରମୁଖ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ସମ୍ପୃକ୍ତ ବିଭାଗଗୁଡ଼ିକରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

## ପରିବା ଦୋକାନରୁ ନିକିତି ଚୋରି



ଛତ୍ରପୁର, ୩।୭ (ସମିସ): ସ୍ଥାନୀୟ ପରିବା ମାର୍କେଟରେ ଥିବା ପରିବା ଦୋକାନରୁ ଚୋରି ହୋଇଥିବା ନେଇ ଛତ୍ରପୁର ଥାନାରେ ଅଭିଯୋଗ ହୋଇଛି। ଏହା ସହ ଦୋକାନରେ ଥିବା ପରିବା ଏବଂ ଆସବାବପତ୍ରଗୁଡ଼ିକ ଛିନଛତର ହୋଇ ପଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତ୍ରରେ ଛତ୍ରପୁର ପରିବା ମାର୍କେଟ ପରିସରରେ ଆର. ନାଗରାଜୁ ରେଡ୍ଡୀ ଓ ଏସ. ରାଜୁ ରେଡ୍ଡୀଙ୍କ ଦୋକାନ ଭିତରେ ପଶି ଟଙ୍କା ଓ ବିଦ୍ୟୁତ ଚାଳିତ ନିକିତି ଚୋରି କରିଛନ୍ତି ଦୁର୍ବୃତ୍ତ। ଏନେଇ ଆର. ନାଗରାଜୁ ଓ ଏସ. ରାଜୁ ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଛତ୍ରପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ପୋଖରୀରେ ବୁଡ଼ି ମହିଳା ମୃତ

ପୁରୁଷୋତ୍ତମପୁର, ୩।୭ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ଗ୍ରାମର ଭେଣ୍ଡା ବନ୍ଧରେ ଜଣେ ମହିଳା ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସୁଶିଳା ବେହେରା(୫୫)। ସେ ଅପରାହ୍ଣରେ ଭେଣ୍ଡା ବନ୍ଧକୁ ସ୍ନାନ ଶୌଚ ହେବା ପାଇଁ ଯାଇଥିଲେ। ବହୁ ସମୟଧରି ନ ଆସିବାରୁ ଅସାବଧାନତା ଯୋଗୁଁ କାଳେ ଗୋଡ ଖସି ପୋଖରୀରେ ବୁଡି ଯାଇଥିବା ନେଇ ସ୍ଥାନୀୟ ଜନସାଧାରଣ ଖୋଜା ଖୋଜି କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଅଗ୍ନିଶମ ବିଭାଗ ପହଞ୍ଚି ସୁଶିଳାକୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏଏସଆଇ ରାଜୀବ ଲୋଚନ ଶବର ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

## 'ପ୍ରକୃତିର ସୁରକ୍ଷା ପାଇଁ ସଚେତନତା ଜରୁରୀ'




ରାଇକିଆ, ୩।୭ (ସମିସ): ପ୍ରକୃତିର ସଂରକ୍ଷଣ ଓ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ନିମନ୍ତେ ଜନସଚେତନତା ଜରୁରୀ ହୋଇପଡ଼ିଛି। ଏଥିପାଇଁ ବିଦ୍ୟାଳୟ ସ୍ତରରୁ ହିଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କନ୍ଧମାଳ ଜିଲ୍ଲା ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ବେହେରା ଯୋଗ ଦେଇ ବନମହୋତ୍ସବ ପାଳନ ଏବଂ ପରିବେଶ ସନ୍ତୁଳନ, ସଂରକ୍ଷଣ ଓ ସୁରକ୍ଷା ଉପରେ ଏହାର ସକାରାତ୍ମକ ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। ବନପାଳ ଉସତ କହଁର, ସଞ୍ଜୟ କୁମାର ମହାପାତ୍ର, ମୁକେଶ ପ୍ରଧାନ ଓ ପ୍ରକୃତିବନ୍ଧୁ ଶିକ୍ଷକ ଦୈତ୍ୟାରୀ ଦିଗାଲ ଯୋଗ ଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।

## ଚାରି ବଖରା ଜଳିଗଲା

ବୁଗୁଡ଼ା, ୩।୭ (ସମିସ): ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମର ଗୁଡ଼ିସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ ଘଟିଛି। ଏଥିରେ ସାହିର ଭାସ୍କର ଡାକୁଆ ଓ ଦେବ ଡାକୁଆଙ୍କ ଦୁଇ ବଖରା ଲେଖାଏଁ ଚାଳଘର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ଦୁଇ ପରିବାର ଲୋକେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଘଟଣାର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଏହା ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଦୁଇ ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ଗ୍ରାମବାସୀ ଏବଂ ପରିବାର ଲୋକେ ନିଆଁକୁ ଆୟତ୍ତ କରିବାପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ବୁଗୁଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ସହ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ଛାରଖାର ହୋଇଯାଇଥିଲା। ତେବେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଓଏଏସ୍‌ଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଆସିକା, ୩।୭ (ସମିସ): ଓଏଏସ୍‌ଙ୍କ କାର୍ଯ୍ୟବନ୍ଦ ଡାକରା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଏ ତହସିଲ ଅଫିସକୁ ଆସି ନିରାଶ ହୋଇ ଫେରୁଛି ତ ପୁଣି କିଏ ବ୍ଲକ କାଯ୍ୟାଳୟ କୁ ଯାଇ ବିଡ଼ିଓ ନଥିବାରୁ ନୟାନ୍ତ ହେଲେଣି। ମୁରବି ବିହୀନ ବ୍ଲକ କାଯ୍ୟାଳୟ ହେଉ କି ତହସିଲ ଏବେ ଖାଲି ଖାଲି ଦେଖାଯାଉଛି। କେବଳ ତହସିଲ, ବ୍ଲକ କାର୍ଯ୍ୟାଳୟ ସମେତ ଟ୍ରେଜେରି, ସବ ରିଷ୍ଟ ଅଫିସ କାର୍ଯ୍ୟାଳୟର ଅଧିକାରୀ ମାନେ ଅନୁପସ୍ଥିତ ରହିଥିବା ଯୋଗୁଁ ଗରିବ ଗୁରୁବା ମାନେ ଦୁଇ ଧରି ନାହିଁ ନ ଥିବା ହିନସ୍ଥା ହେଉଛନ୍ତି।

ପୁରୁଷୋତ୍ତମପୁର: ଓଏଏସ୍ ଅଧିକାରୀଙ୍କ ସମୂହ ଛୁଟିର ପ୍ରଭାବ ପୁରୁଷୋତ୍ତମପୁରର ବ୍ଲକ, ତହସିଲ ଓ ଏନ୍‌ଏସି କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ତିନୋଟି କାର୍ଯ୍ୟାଳୟର ସମସ୍ତ ପ୍ରକାରର ସରକାରୀ କାର୍ଯ୍ୟ ଠପ ହୋଇ ପଡ଼ିଛି। ୨୭ଟି ପଞ୍ଚାୟତର ଶହଶହ ଲୋକେ ନିଜର କାମ ପାଇଁ ବ୍ଲକ ଓ ତହସିଲକୁ ଆସୁଥିବା ବେଳେ ସେମାନଙ୍କ କାମ ନ ହେବା ଯୋଗୁଁ ନିଜର ଅସନ୍ତୋଷ ଜାହିର କରିଛନ୍ତି। ବର୍ତ୍ତମାନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାରୁ ଛାତ୍ରଛାତ୍ରୀ ମାନେ ଜଏନ ପାଇଁ ବିଭିନ୍ନ ପ୍ରକାର ପ୍ରମାଣପତ୍ର ଆବଶ୍ୟକ ଥିବାରୁ ସେମାନେ ତହସିଲ କାର୍ଯ୍ୟାଳୟ ଆସି ତହସିଲଦାରଙ୍କୁ ନ ପାଇ ନିରାଶ ହୋଇ ଫେରିଛନ୍ତି। ସରକାରୀ କାର୍ଯ୍ୟାଳୟରେ ଏଭଳି ଅଚଳାବସ୍ଥା ନେଇ ବୃଦ୍ଧି ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ



ଶେରଗଡ଼, ୩।୭ (ସମିସ): ଭକ୍ତଙ୍କୁ ଦର୍ଶନ ଦେବା ଲାଗି ତିନି ଠାକୁର ନବଦିନ ବ୍ୟାପୀ ସ୍ୱମନ୍ଦିର ଛାଡି ଆଡପ ମଣ୍ଡପକୁ ଚାଲି ଆସିଛନ୍ତି। ଶୁକ୍ରବାର ଆଡପ ମଣ୍ଡପରେ ଶ୍ରୀ ବିଗ୍ରହ ମାନଙ୍କର ବହୁ ପ୍ରତିକ୍ଷୀତ ସନ୍ଧ୍ୟା ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଆଡପ ମଣ୍ଡପରେ ମହାପ୍ରଭୁଙ୍କ ଲୀଳା ଖେଳା ଶୁକ୍ରବାର ଶେଷହେବ। ନବମୀ ସନ୍ଧ୍ୟା ଦର୍ଶନ ଗୁଣ୍ଡିଚା ମନ୍ଦିରରେ ହେବ। ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଆଜି ମହାପ୍ରଭୁଙ୍କୁ କଳକୀ ଅବତାର ରେ ସଜା ଯାଇଥିଲା।

■ ଜୁଆ ଆଡ୍ଡାରେ ପୁଲିସର ଚଢଉ

## ୭ ଗିରଫ: ୩.୬୬ ଲକ୍ଷ ଟଙ୍କା, ୩୦ବାଇକ୍ ଜବତ



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅତର୍କିତ ଭାବେ କୁର୍ଲଣ୍ଡା ଗ୍ରାମ ନିକଟସ୍ଥ ଏକ କାଜୁ ତୋଟାରେ ଚାଲିଥିବା ଜୁଆ ଆ‡ା ଉପରେ ଚଢଉ କରିଥିଲା। ଚଢଉ ବେଳେ ବହୁ ଜୁଆଡି ଦୌଡି ପଳାଇଥିବା ବେଳେ ୭ ଜଣ ଧରା ପଡ଼ିଥିଲେ। ଜୁଆ ଆଡ୍ଡାରୁ ୩ଲକ୍ଷ ୬୬ ହଜାର ୨ଶହ ନଗଦ ଟଙ୍କା ଓ ଘଟଣା ସ୍ଥଳରୁ ୩୦ ବାଇକକୁ ଜବତ କରାଯାଇଛି। ୩୦ ବାଇକ ମାଲିକଙ୍କ ନାମ ଠିକଣା ବାହାର କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହ ଯଦି କୌଣସି ସ୍ଥାନରେ ଏପରି ଜୁଆ ଆଡ୍ଡା ଚାଲୁଥାଏ ଖବର ମିଳିଲେ ଚଢଉ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା କହିଛନ୍ତି।

## ମହିଳା ମତ୍ସ୍ୟଜୀବୀଙ୍କୁ ମାଡ଼ ଘଟଣା; ସଂଘର ନିନ୍ଦା

ରମ୍ଭା, ୩।୭ (ସମିସ): ନିକଟରେ ମହିଳା ମତ୍ସଜୀବୀ କୁମାରୀ ବେହେରା ସମେତ ଅନ୍ୟାନ୍ୟ ମହିଳାକୁ ସ୍ୱୟଂ ଗୋଦାମ ମାଲିକଙ୍କ ଅମାନୁଷିକ ଭାବେ ନିଜର ଗୋଦାମ ଗୃହରେ ମାଡ଼ ମାରି ଧମକ ଦେଇଥିବାରୁ ମତ୍ସଜୀବୀ ସଙ୍ଘ ନିନ୍ଦା କରିଛି। ମୃତ ସୁବାଷ ସେଠୀଙ୍କ ପୁଅ ଚିଲିକା ସ୍ଥାନକୁ ଜୋର ଜବରଦସ୍ତ ଘର କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛି। ସଙ୍ଘ ତଥା ମହିଳା ଗୋଷ୍ଠୀ ଦାବି କରୁଛନ୍ତି ସେଠାରୁ ନ ହଟିଲେ ଆଇନ ହାତକୁ ନେବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି କୁମାରୀ ବେହେରାକୁ ଅମାନୁଷିକ ଭାବେ ମାଡ଼ ପିଟକରିଛନ୍ତି ବାଲୁଗାଁ ଥାନା ସହଯୋଗ କରୁନାହାନ୍ତି। ସେଥିପାଇଁ ଏସପି ଏବଂ ମୁଖ୍ୟମନ୍ତ୍ରୀ ପାଖକୁ ଯିବା ପାଇ ଚେତାବନୀ ଦେଇଛନ୍ତି। ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମ ସୁନ୍ଦର ବେହେରା, ସମ୍ପାଦକ କାଳନ୍ଦୀ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ପ୍ରକାଶ ବେହେରା, ରତନ ବେହେରା, ବାବୁ ବେହେରାଙ୍କ ସମେତ ଏହି ଘଟଣାକୁ ନିନ୍ଦା କରିଛନ୍ତି। ବୈଠକରେ ଭୀମସେନ ବେହେରା, ରମ୍ଭା ଏନଏସି ଉପାଧ୍ୟକ୍ଷ କାଳିଆ ତରେଇ, ଘନଶ୍ୟାମ ବେହେରା, ଅଜିତ ବେହେରା, ଦୁଲହଣା ବେହେରା, ବାସନ୍ତୀ ବେହେରା ମହିଳା ଗୋଷ୍ଠୀ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଘାଟିରୁ ଖସିଲା ବସ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ରାୟଗଡ଼, ୩।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ଥାନା ରାଣିବାଡ଼ ଘାଟିରେ ଭାରସାମ୍ୟ ହରାଇ ଭେଙ୍କେଟାଦ୍ରୀ ନାମକ ଏକ ଯାତ୍ରୀବାହୀ ବସ ଗୁରୁବାର ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଜିରାଙ୍ଗ ବଳଦେବଜୀଉଙ୍କ ପ୍ରସିଦ୍ଧ ଯାତ୍ରା ଚାଲିଥିବା ବେଳେ ଏହାର ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଆସି ଦର୍ଶନ କରି ପାରଳାଖେମୁଣ୍ଡିରୁ ରାମଗିରି ଅଭିମୁଖେ ଯାଉଥିବା ଭେଙ୍କେଟାଦ୍ରୀ ନାମକ ଯାତ୍ରୀବାହୀ ବସରେ ନିଜ ଘରକୁ ଫେରୁଥିବା ସମୟରେ କ୍ଷମତା ଠାରୁ ଅଧିକ ଯାତ୍ରୀ ଚଢିଥିଲେ। ଏହିକାରଣରୁ ରାଣିବାଡ଼ ଘାଟିରେ ବସ୍ ଉପରକୁ ଚଢି ନ ପାରି ଭାରସାମ୍ୟ ହରାଇ ତଳକୁ ଖସି ଯାଇ ଏକ ଚାଷ ଜମିରେ ପଶିଯାଇଥିଲା। ସମ୍ପୃକ୍ତ ବସର ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇବା ଯୋଗୁଁ ଜଣେ ମହିଳା ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ରାୟଗଡ଼ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ତଦନ୍ତ କରୁଥିବା ଥାନାଧିକାରୀ କମଳା ଚୌଧୁରୀ କହିଛନ୍ତି।

## ନୂତନ ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବେଲଗୁଣ୍ଠା, ୩।୭ (ସମିସ): ବେଲଗୁଣ୍ଠା ଥାନା ପରିସରରେ ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବା ରେବତୀ ଶବରଙ୍କୁ ଥାନା ତରଫରୁ ଏବଂ ବେଲଗୁଣ୍ଠା ପ୍ରେସକ୍ଲବ ତରଫରୁ ସ୍ୱାଗତ କରାଯାଇଥିଲା। ସେହିପରି ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀମତୀ ଶବର ପୂର୍ବରୁ ଗଞ୍ଜାମ ଜିଲ୍ଲା ତାରସିଂ ଥାନାରେ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ଥାନାକୁ ବଦଳି ହୋଇଛି ଓ ସେହିପରି ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ଗାଙ୍ଗପୁର ଥାନାକୁ ବଦଳି ହୋଇଛି। ସମ୍ବର୍ଦ୍ଧନା ସଭାକୁ ଏସ୍‌ଆଇ ଅଭୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଏଥିରେ ଅନ୍ୟତମ ଅତିଥି ରୂପେ ଏସ୍‌ଆଇ ବିଶ୍ୱରଞ୍ଜନ ନାୟକ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଏଏସ୍‌ଆଇ ଅନୁ ମଲ୍ଲିକ, ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଲଗୁଣ୍ଠା ପ୍ରେସକ୍ଲବ ଉପସଭାପତି ପ୍ରଭାତ କୁମାର ସାହୁ, ସାମ୍ବାଦିକ ଚନ୍ଦନ କୁମାର ସାହୁ, ସୁଶାନ୍ତ କୁମାର ବେହେରା, ମନୋଜ ପାତ୍ର, ଶିବରାମ ଚୌଧୁରୀ, ପ୍ରଦୀପ ଚୌଧୁରୀ, ପଞ୍ଚାନନ ସାହୁ, ପଞ୍ଚାନନ ନାୟକ, ସଦାଶିବ ପାଣିଗ୍ରାହୀ, ତୋଫାନ କୁମାର ସାହୁଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଡ଼ଗଡ଼ରେ ବନ ମହୋତ୍ସବ

ସୋରଡ଼ା, ୩।୭ (ସମିସ): ବଡଗଡ଼ ବନାଞ୍ଚଳ ପକ୍ଷରୁ ଚଳିତ ବର୍ଷର ଚାଲିଥିବା ବନ ମହୋତ୍ସବ ଅବସରରେ ସ୍ଥାନୀୟ ହାଡ୍ଡୁ ସରାବ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଧାୟକ ଓ ଅଞ୍ଚଳର ସମାଜସେବୀ ତଥା ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ବୃକ୍ଷରୋପଣ ସହିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଧାୟକ ନୀଳମଣି ବିଷୋୟୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଶ୍ରୀ ପାରୁଲ, ସହକାରୀ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା, ବିଜେପି ମଣ୍ଡଳ ସଭାପତି ରାଧାମୋହନ ସ୍ୱାଇଁ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟ ବିକ୍ରମ ତରାଇ, ସୋରଡ଼ା ବନାଞ୍ଚଳ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ, ବଡଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ ପ୍ରମୁଖଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସୁଭକାନ୍ତ ମିଶ୍ର ମଞ୍ଚାସୀନ ହୋଇଥିଲେ। ବିଧାୟକ ନିଜ ବକ୍ତବ୍ୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ସମସ୍ତ ବନକର୍ମଚାରୀ, ଫାୟାର ଗାର୍ଡ, ବନସଂରକ୍ଷଣ ସମିତିର କର୍ମଚାରୀ ଓ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀଙ୍କ ସହ ସ୍ୱେଚ୍ଛାସେବୀ, ବନ ସୁରକ୍ଷା ସମିତି କର୍ମୀ ଯୋଗ ଦେଇଥିଲେ।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପାର୍ବତୀ ମହାନ୍ତି
ଅସ୍ତରଙ୍ଗ, ଘଣ୍ଟିକଣ

ଆବିର୍ଭାବ - ୦୧/୦୧/୧୯୩୩
ତିରୋଧାନ - ୨୪/୦୬/୨୦୨୫

ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ ଆପଣ ଙ୍କ ଭଲପାଇବା ସବୁଦିନ ସବୁସମୟରେ ମନେ ରହିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା

ଶୋକସନ୍ତପ୍ତ:
ବନ୍ଧୁବର୍ଗ ଓ ପରିବାର ବର୍ଗ

# ନାବାଳିକାକୁ ବାରମ୍ବାର ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩।୭(ସମିସ): ଜଣେ ୧୬ବର୍ଷର ନାବାଳିକାକୁ ବାରମ୍ବାର ଦୁଷ୍କର୍ମ ଅଭିଯୋଗରେ ଟାଉନଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋଷାଣିନୂଆଗାଁର ଟିଟୁ ଦାସ(୨୪)। ଅଭିଯୁକ୍ତ ଟିଟୁ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଏହାସହ ପୀଡ଼ିତାଙ୍କ ବୟାନ ରେକର୍ଡ ପୁଲିସ କରିଛି। ବୟାନ ଆଧାରରେ ପୁଲିସ ବିଭିନ୍ନ ଦଫାରେ ଅଭିଯୁକ୍ତ ଟିଟୁକୁ ଗିରଫ କରିବା ସହ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଟାଉନ ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟା ନାବାଳିକାକୁ ଅଭିଯୁକ୍ତ ଟିଟୁ ଦାସ ଅପହରଣ କରି ନେଇଯାଇଥିବା ନେଇ ଗତ ଏପ୍ରିଲ ୨୦ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ କିଛିଦିନ ପୂର୍ବେ ଅଭିଯୁକ୍ତ ସମ୍ପୃକ୍ତ ନାବାଳିକାକୁ ନେଇ ଗୋଷାଣିନୂଆଗାଁସ୍ଥିତ ନିଜ ଘରକୁ ଫେରିଥିଲା। ଖବରପାଇ ପୁଲିସ ବୁଧବାର ଅଭିଯୁକ୍ତ ଟିଟୁଙ୍କ ଘରୁ ନାବାଳିକାକୁ ଉଦ୍ଧାର କରି ପଚରାଉଚରା କରିଥିଲା। ଅଭିଯୁକ୍ତ ଟିଟୁ ନାବାଳିକାକୁ ନେଇ ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରେ ବିବାହ କରି ସେଠାରେ ଏକ ଘରଭଡ଼ା ନେଇ ୨୫ଦିନ ରଖିଥିଲା। ସେଠାରେ ନାବାଳିକାକୁ ଅଭିଯୁକ୍ତ ଟିଟୁ ବାରମ୍ବାର ଦୁଷ୍କର୍ମ କରିଥିଲା ବୋଲି ପୁଲିସ ତଦନ୍ତ ବେଳେ ପୀଡ଼ିତା ଜଣକ କହିଥିଲେ। ପୀଡ଼ିତାଙ୍କ ବୟାନକୁ ଆଧାର କରି ପୁଲିସ ଚାଇଲଡ୍ ମ୍ୟାରେଜ୍ ଆଇନ, ବାରମ୍ବାର ଦୁଷ୍କର୍ମ କରିବା ଆଇନ ଓ ଅପହରଣ ଆଇନର ଧାରା ଭଳି ବିଭିନ୍ନ ସଙ୍ଗୀନ ଦଫା ଲଗାଇ ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

- ୪ମାସ ପୂର୍ବେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିଥିଲା ଅଭିଯୁକ୍ତ



ବ୍ରହ୍ମପୁର,୩।୭(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବାଦନାମ କରିଛି ଏକାଧିକ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା। ଗୋଟିଏ ପରେ ଗୋଟିଏ ଘଟଣା ଘଟିବାରୁ ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ମହିଳା। ଗତ କିଛିମାସ ମଧ୍ୟରେ ଗୋପାଳପୁର, ଗୋଳନ୍ଥରା ଓ ବୈଦ୍ୟନାଥପୁର ଥାନା ଇଲାକାରେ ଏକାଧିକ ଚର୍ଚ୍ଚିତ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଘଟିଥିବା ନଜିର ଥିବାବେଳେ ମଙ୍ଗଳବାର ବଡବଜାର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପି. ସୁନିଲ ଆଚାରୀ (୩୦)କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସୁନିଲ ନାମରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଛି।

# ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

ବ୍ରହ୍ମପୁର,୩।୭(ସମିସ): ଗୁରୁବାର ସନ୍ଧ୍ୟାରେ ଲାଞ୍ଜିପଲ୍ଲୀ ବାଇପାସରେ ଏକ ଚାଉଳ ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗରର ସନ୍ତୋଷ କୁମାର ପାଢୀ(୩୭)। ସୂଚନାଯୋଗ୍ୟ ଯେ, ସନ୍ତୋଷ ଉକ୍ତ ରାସ୍ତା ଦେଇ ନିଜ ସ୍କୁଟିରେ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକ( ଓଆର୦୭ ଏଚ- ୪୭୨୮) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସନ୍ତୋଷ ଘଟଣା ସ୍ଥଳରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସନ୍ତୋଷଙ୍କୁ ଉଦ୍ଧାର କରିଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବଂ କିଛି ସମୟ ପାଇଁ ଯାତାୟତ ପ୍ରଭାବିତ ହୋଇଥିଲା। ଖବରପାଇ ଟ୍ରାଫିକ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ସନ୍ତୋଷଙ୍କୁ ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ପୁଲିସ ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପୁଲିସ ଦୁର୍ଘଟଣା ଗସ୍ତ ଟ୍ରକକୁ ଜବତ କରିଥିବା ବେଳେ ଟ୍ରକ ଚାଳକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ପୁଲିସ କହିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଡ୍ରେସ୍ ସଫା କରିବାକୁ କହି ୨୫ହଜାର ଲୁଟିନେଲେ

ବ୍ରହ୍ମପୁର,୩।୭(ସମିସ): ମଉସା ଟିକିଏ ଶୁଣିଲ। ଆପଣଙ୍କ ଡ୍ରେସରେ ମଇଳା ଲାଗିଛି। ଦେଖୁନ ଡ୍ରେସ ସାରା କେମିତି ଚଟଣି ଗୁଡ଼ାକ ପଡ଼ିଛି। ସଫା କରିଦିଅ, ଅସନା ଲାଗୁଛି। ଏତିକି ବେଳେ ମଉସା ଜଣକ ହଠାତ ଡ୍ରେସ ସଫା କରିବା ଆରମ୍ଭ କଲେ। ହେଲେ ମଉସା ଜାଣିନଥିଲେ ଏହା ଦୁର୍ବୃତ୍ତଙ୍କ ଚାଲ୍। ମଉସା ଡ୍ରେସ ସଫା କଲା ବେଳକୁ ସେ ଧରିଥିବା ଟଙ୍କା ଦୁର୍ବୃତ୍ତ ଲୁଟିନେଲେ। ଏଭଳି ଷ୍ଟାଇଲରେ ଜଣେ ବୃଦ୍ଧଙ୍କଠାରୁ ଟଙ୍କା ଲୁଟିବାରେ ଲୁଟେରାମାନେ ସଫଳ ହୋଇଛନ୍ତି। ସୂଚନା ପ୍ରକାରେ ଜଣେ ବୃଦ୍ଧାଙ୍କୁ ଡ୍ରେସ ସଫା କର କହି ଏକାଧିକ ଦୁର୍ବୃତ୍ତ ସେ ଧରିଥିବା ୨୫ହଜାର ଟଙ୍କା, ବ୍ୟାଙ୍କ ପାସବୁକ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବୃଦ୍ଧା ଜଣକ ହେଲେ କୁକୁଡ଼ାଖଣ୍ଡି ଅଞ୍ଚଳର ଆଲାମ ସେଠୀ ଧର୍ମାରାଓ (୬୨)। ସୂଚନାଯୋଗ ଯେ, ଆଲାମ ଗତକାଲି କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ସ୍ଥାନୀୟ ସିଟି ହସ୍ପିଟାଲ ନିକଟରେ ଥିବା ଡେଣ୍ଟାଲ କ୍ଲିନିକ ସମ୍ମୁଖରେ ସେ ଛିଡ଼ା ହୋଇଥିଲେ। ଏଠାକୁ ପ୍ରଥମେ କିଛି ବ୍ୟକ୍ତି ଆସିଥିଲେ। ତାଙ୍କ ଡ୍ରେସରେ ଚଟଣି ପଡ଼ିଛି, ସଫା କର ବୋଲି କହିଥିଲେ। ଏପଟେ ବୃଦ୍ଧା ଜଣକ ଡ୍ରେସ ସଫା କଲା ବେଳକୁ ସେ ଧରିଥିବା ୨୫ହଜାର ଟଙ୍କା ଓ ବ୍ୟାଙ୍କ ପାସବୁକ ଲୁଟି ନେଇଥିଲେ। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

# ‘ସମୟାନୁବର୍ତ୍ତିତା ସହ ଲୋକଙ୍କୁ ସେବା ଦିଅ’



ବ୍ରହ୍ମପୁର,୩।୭(ସମିସ)

- ବାୟୋମେଟ୍ରିକ୍ ଉପସ୍ଥାନ ସତ୍ତ୍ୱେ କର୍ମଚାରୀଙ୍କ ଖାମଖିଆଲି ମନୋଭାବ
- ଜନତାଙ୍କ ସେବାରେ ଅନ୍ୟୂନ ୭ଘଣ୍ଟା ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ମହାନଗର ନିଗମ ବା ବିଇଏମ୍‌ସି ହେଉଛି ଜନସାଧାରଣଙ୍କ କାର୍ଯ୍ୟାଳୟ। ସହରର ସମସ୍ୟାର ସମାଧାନ ସହିତ ଲୋକଙ୍କୁ କିଭଳି ମୌଳିକ ସୁବିଧା ଉପଲବ୍ଧ କରାଯାଇପାରିବ ତାହା ହେଉଛି ବିଇଏମ୍‌ସିର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି ଲକ୍ଷ୍ୟ ପୂରଣ କରିବାକୁ ହେଲେ ନିଗମର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି କମିଶନର ପର୍ଯ୍ୟନ୍ତ ସମସ୍ତଙ୍କୁ ସମୟାନୁବର୍ତ୍ତିତା ହେବା ସହିତ ସାହାଯ୍ୟ କରିବାର ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ହେବ। ଏଭଳି ପରାମର୍ଶ ଦେଇଛନ୍ତି କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ। ତେବେ ଅନେକ ସମୟରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିବାରେ ବିଳମ୍ବ କରୁଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟାଳୟ ଛାଡ଼ି ଚାଲି ଯାଉଥିବା ଦେଖିବାକୁ ମିଳିଛି। କର୍ମଚାରୀଙ୍କ ଉପସ୍ଥାନ ପାଇଁ ସବୁ ବିଭାଗରେ ରହିଥିବା ବାୟୋମେଟ୍ରିକ୍ ବ୍ୟବସ୍ଥାରୁ ଏହା ସ୍ପଷ୍ଟ ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି କମିଶନରଙ୍କ ଅଧ୍ୟକ୍ଷତାରେ କର୍ପୋରେସନ ହଲରେ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ଯେଉଁଥିରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀମାନେ ସମସ୍ତେ ଉପସ୍ଥିତ ଥିଲେ। ଅଧିକାଂଶ କର୍ମଚାରୀଙ୍କର ଉପସ୍ଥାନରେ ରହିଥିବା ତ୍ରୁଟିବିଚ୍ୟୁତିକୁ ପ୍ରଥମ ଥର ପାଇଁ ଯଦିଓ କ୍ଷମା ଦିଆଯାଇଛି ତେବେ ଆଗାମି ଦିନରେ ଏଭଳି ଅଭ୍ୟାସକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି କମିଶନର।

ବୈଠକରେ କମିଶନର ସମସ୍ତ କର୍ମଚାରୀଙ୍କୁ ୫ଟି ପ୍ରଶ୍ନ କରିଥିଲେ ଏବଂ ସେଗୁଡିକର ଲିଖିତ ଉତ୍ତର ଆଶା ରଖିଥିଲେ। ଏ ଅବସରରେ ସରକାରୀ ଭାବେ ଯଦିଓ ପ୍ରତ୍ୟେକ କର୍ମଚାରୀଙ୍କୁ ଦୈନିକ ୮ଘଣ୍ଟା କାମ କରିବାକୁ କୁହାଯାଉଛି ସେଥିରେ ଅବହେଳା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏଣୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ଆସି ଲୋକଙ୍କ ସେବାରେ ମନୋନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ। ଦୈନିକ ନିର୍ଦ୍ଧାରିତ ୮ଘଣ୍ଟା ମଧ୍ୟରୁ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ବିରତିକୁ ବାଦ ଦେଇ ଅନ୍ତତଃ ପ୍ରତ୍ୟେକ କର୍ମଚାରୀ ଓ ଅଧିକାରୀ ଦୈନିକ ୭ଘଣ୍ଟା ସେବା ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ହେଲେ ନିଗମ ଉପରେ ଲୋକଙ୍କର ଆସ୍ଥା ରହିବ ଏବଂ ଯେ କୌଣସି କାର୍ଯ୍ୟ ସମାଧାନ କରିବାରେ ସମସ୍ୟା ରହିବ ନାହିଁ। ସବୁ କ୍ଷେତ୍ରରେ ଲୋକଙ୍କର ସହଯୋଗ ମିଳିପାରିବ। ଏଣୁ ଉଚିତ ସମୟରେ ଆସି ସଠିକ ଢଙ୍ଗରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରି ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟ ଛାଡ଼ିଲେ କାହାରି କିଛି ଆପତ୍ତି ନାହିଁ ବୋଲି ମଧ୍ୟ ସେ ବୈଠକରେ ସ୍ପଷ୍ଟ କରିଛନ୍ତି। ତେବେ ଭୁବନେଶ୍ୱର ମହାନଗର ନିଗମରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ କମିଶନରଙ୍କୁ ମାଡ ଘଟଣାରେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା କାରଣରୁ ବିଇଏମ୍‌ସିର କୌଣସି ଓଏଏସ୍ ଓ ଓଆରଏସ୍ ଅଧିକାରୀ ଏହି ବୈଠକରେ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା।

# ଏମ୍‌କେସିଜି ଏଫ୍‌ଏମ୍‌ଟି ବିଭାଗ | ନାହାନ୍ତି ଆସିଷ୍ଟାଣ୍ଟ ଓ ଆସୋସିଏଟ୍ ପ୍ରଫେସର୍

ବ୍ରହ୍ମପୁର,୩।୭(ସମିସ)




ଭେଷଜ ବିଜ୍ଞାନ ବା ମେଡିକାଲ ଶିକ୍ଷା କ୍ଷେତ୍ରରେ କମ୍ୟୁନିଟି ମେଡିସିନ ଓ ଫରେନସିକ ସାଇନ୍ସ ବା ନିତି ତାତ୍ତ୍ୱିକ ଭେଷଜ ଓ ବିଷ ବିଜ୍ଞାନ ବିଷୟ ଅଧ୍ୟୟନ କରିବା ଏକ ରକମର ବାଧ୍ୟତାମୂଳକ କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଭଳି ରାଜ୍ୟର ଅନ୍ୟତମ ପୁରାତନ ଭେଷଜ ମହାବିଦ୍ୟାଳୟରେ ନିତି ତାତ୍ତ୍ୱିକ ଭେଷଜ ଓ ବିଷ ବିଜ୍ଞାନ ବା ‘ଏଫଏମଟି’ ବିଭାଗରେ ପିଜି ପାଠ୍ୟକ୍ରମ ରହିଛି। ଏହା ବ୍ୟତିତ ଏହି କେନ୍ଦ୍ର ହେଉଛି ରାଜ୍ୟର ଅନ୍ୟତମ ରେଫେରାଲ ଓ ଗବେଷଣା କେନ୍ଦ୍ର। ଗଞ୍ଜାମ

## ବଢୁଛି ମାମଲା ସଂଖ୍ୟା, ଗବେଷଣା ପ୍ରଭାବିତ
## ପୀଡ଼ିତା ଓ ଅଭିଯୁକ୍ତଙ୍କ ପ୍ରମାଣ ନଷ୍ଟ ଆଶଙ୍କା
## ୨ ହଜାର ଅତିକ୍ରମ କଲାଣି ମାମଲା ସଂଖ୍ୟା

ସମେତ ରାୟଗଡା, ବୌଦ୍ଧ ଓ କନ୍ଧମାଳ ଭଳି ଜିଲ୍ଲାରୁ ମଧ୍ୟ ଏଠାରୁ ଏକ୍ସପର୍ଟ ମତାମତ ପାଇଁ ବିଭିନ୍ନ ମାମଲାରେ ନିଆଯାଇଥାଏ। ଏହି ବିଭାଗରେ ସାଧାରଣତଃ ଅପମୃତ୍ୟୁ, ଧର୍ଷଣ, ଦୁର୍ଘଟଣା ଜନିତ ମୃତ୍ୟୁ, ରେଳଧାରଣାରୁ ଉଦ୍ଧାର ମୃତ ବ୍ୟକ୍ତିଙ୍କ ଶବ, ଆତ୍ମହତ୍ୟା କହିବାକୁ ଗଲେ ଯେକୌଣସି ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏହି ବିଭାଗର ମତାମତ ନିଆଯାଇଥାଏ। ଫଳରେ ବିଭାଗରେ ପୂର୍ବାପେକ୍ଷା ମାମଲା ସଂଖ୍ୟା ବୃଦ୍ଧି ପାଇ ବର୍ତ୍ତମାନ ଏହି ସଂଖ୍ୟା ୨ହଜାର ଅତିକ୍ରମ କରିସାରିଛି। ସେଥିମଧ୍ୟରୁ ବାର୍ଷିକ ଧର୍ଷଣ ମାମଲାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ସଂଖ୍ୟା ୫ଶହରୁ ଅଧିକ। ଏଭଳି ପରିସ୍ଥିତିରେ ଏହି ବିଭାଗର ଗୁରୁତ୍ୱ ଓ ଦାୟିତ୍ୱ ବେଶ ଅଧିକ। ତେବେ ଏଠାରେ ରହିଛି ମାନବ ସମ୍ବଳର ଘୋର ଅଭାବ। ଜଣେ ପ୍ରଫେସରଙ୍କୁ ଛାଡ଼ି ଦେଲେ ସବୁ ପଦବୀ ଫାଙ୍କା ପଡ଼ିଛି। ୨ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ପଡ଼ିଥିବାବେଳେ କାମଚଳା ଭାବେ ଦୁଇଜଣଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଛି। ସେହିଭଳି ୩ଟି ଆସୋସିଏଟ୍ ପ୍ରଫେସର ପଦବୀ ଦିର୍ଘ ବର୍ଷ ଧରି ଖାଲିପଡ଼ିଛି। ଫଳରେ ଏହି ରେଫେରାଲ କେନ୍ଦ୍ରରେ ମାମଲାର ପରୀକ୍ଷା କରି ମତାମତ ଦେବା ଦୂରେଥାଉ ଗବେଷଣାତ୍ମକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବିଭାଗରେ ୮ଟି ପିଜି ଓ ୨ଜଣ ପୋଷ୍ଟ ପିଜି ଡାକ୍ତରଙ୍କ ସମେତ ଠିକାରେ ନିଯୁକ୍ତି ପାଇଥିବା ଦୁଇ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ ତୁଲାଉଛନ୍ତି ବିଭାଗୀୟ ପ୍ରଫେସର ଡାକ୍ତର ସୁଦୀପା ଦାଶ। ସେପଟେ ପିଲାଙ୍କ ପାଠପଢ଼ା ପାଇଁ ଆବଶ୍ୟକ ୪ଜଣ ଟ୍ୟୁଟରଙ୍କ ମଧ୍ୟରୁ ଅଛନ୍ତି କେବଳ ୨ଜଣ।

ଏମ୍‌କେସିଜିର ଏଫ୍‌ଏମ୍‌ଟି ବିଭାଗକୁ ଚାପମୁକ୍ତ କରିବା ପାଇଁ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସିକା, ଛତ୍ରପୁର ଓ ପୁରୁଷୋତ୍ତମପୁର ଭଳି ସ୍ଥାନରେ ଯଦିଓ ପୋଷ୍ଟମର୍ଟମ କେନ୍ଦ୍ର ରହିଛି ତେବେ ସେମାନଙ୍କ ନିକଟରେ ମହିଳା ଡାକ୍ତର ନଥିବା ଦର୍ଶାଇ ଅଧିକାଂଶ ମାମଲାକୁ ସେମାନେ ବ୍ରହ୍ମପୁର ସ୍ଥାନାନ୍ତର କରି ଦେଉଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଉଛି। ଯଦ୍ୱାରା ଅନେକ ସମୟରେ ଦୂରଦୂରାନ୍ତରୁ ଅନେକ ମାମଲାରେ ପୀଡ଼ିତା ତଥା ଅଭିଯୁକ୍ତଙ୍କ ଠାରୁ ପ୍ରମାଣ ସଂଗ୍ରହ କରିବାରେ ସମସ୍ୟା ସୃଷ୍ଟି ହେଉଛି।

ଏଭଳି କ୍ଷେତ୍ରରେ ତଥ୍ୟ ନଷ୍ଟ ହେବାର ମଧ୍ୟ ଆଶଙ୍କା ଥିବା ସ୍ପଷ୍ଟ କରିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାଶ। ସାଧାରଣତଃ ଅପରିଚିତ ମୃତ ବ୍ୟକ୍ତିଙ୍କ କ୍ଷେତ୍ରରେ ଅନ୍ୟୂନ ୯୬ଘଣ୍ଟା ଶବ ସଂରକ୍ଷିତ ରଖିବାର ନିୟମ ରହିଛି। ଏଥିପାଇଁ ଏଠାରେ ଯଦିଓ କେବଳ ୮ଟି ଫ୍ରିଜର୍‌ର ବ୍ୟବସ୍ଥା ରହିଛି ତେବେ ଦିନକୁ ଦିନ ବୃଦ୍ଧି ପାଉଥିବା ମାମଲା ସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ସଂଖ୍ୟାକୁ ମଧ୍ୟ ଦ୍ୱିଗୁଣିତ କରିବାର ଆବଶ୍ୟକତା ଥିବା ସେ କହିଛନ୍ତି।

# ଗୋଟିଏ ଦିନରେ ଆର୍‌ଆଇ, ଅମିନ ଓ ଅଙ୍ଗନବାଡ଼ି ସୁପରଭାଇଜର ପରୀକ୍ଷା ଦାବି

ବ୍ରହ୍ମପୁର,୩।୭(ସମିସ): ସ୍ଥାନୀୟ ଇ-ଲାଇବ୍ରେରୀ ପରିସରରେ ଆରଆଇ, ଅମିନ ଓ ଅଙ୍ଗନବାଡି ସୁପରଭାଇଜର ପରୀକ୍ଷାର୍ଥୀମାନେ ଉକ୍ତ ପରୀକ୍ଷାରେ ଅନିୟମିତତା ଆଶଙ୍କା କରିଛନ୍ତି। କଳା ତାଲିକା ଭୁକ୍ତ ହୋଇଥିବା ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ପରୀକ୍ଷାର୍ଥୀ ଅଭିଯୋଗ କରି ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ତଥା ମେଇନ ପରୀକ୍ଷା ଆଗାମୀ ଅଗଷ୍ଟ ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି। ଯାହା ବିଭିନ୍ନ ପର୍ଯ୍ୟାୟରେ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ପ୍ରିଲିମ ପରୀକ୍ଷା ୨୦୨୩ମସିହା ସେପ୍ଟେମ୍ବର ୨୦ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ମାସ ୮ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାନାଦି ପ୍ରକାର ପରିଚାଳନାଗତ ତ୍ରୁଟିକୁ ବିରୋଧକରି ଆଶାୟୀମାନେ ଗତବର୍ଷ ପ୍ରବେଶପତ୍ର ବା ଆଡମିଟ କାର୍ଡ଼କୁ ପୋଡ଼ି ପ୍ରତିବାଦ ଜଣାଇଥିଲେ। ପୁର୍ନବାର ସମାନ ପଦ୍ଧତିରେ ପରୀକ୍ଷା



କରାଯିବା ନେଇ ଆଶାୟୀମାନେ ଜାଣି ଏହାର ବିରୋଧ କରୁଛନ୍ତି। ଏଣୁ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଏବଂ ଗୋଟିଏ ସିଫ୍ଟରେ ପରୀକ୍ଷା କରାଇବାକୁ ଆଶାୟୀମାନଙ୍କ ପକ୍ଷରୁ ଦାବି ହୋଇଛି। ଆଗାମୀ ଦିନରେ ଯଦି ସରକାର ସେମାନଙ୍କ ଦାବି ପୂରଣ ନକରନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଗଗନ ରଥ, କାହ୍ନୁ ପାତ୍ର, ରଞ୍ଜନ ସେଠୀ, ସୁଦର୍ଶନ ବେହେରାଙ୍କ ସହ ବହୁ ପରୀକ୍ଷାର୍ଥୀ ଉପସ୍ଥିତ ରହି ଚେତାବନୀ ଦେଇଛନ୍ତି।

# ତ୍ୱରାନ୍ୱିତ ହେବ ଅଧପନ୍ତରିଆ ପ୍ରକଳ୍ପ

ବ୍ରହ୍ମପୁର,୩।୭(ସମିସ)



- ‘ବେଢ଼ା ବନ୍ଧ’ ଉନ୍ନତିକରଣ କାର୍ଯ୍ୟ ଦେଖିଲେ ବିଇଏମ୍‌ସି କମିଶନର୍
- ଜଳାଶୟ ସ୍ଥିତି ଓ ପ୍ରଥମ ପର୍ଯ୍ୟାୟ ପୁନରୁଦ୍ଧାର କାମର ସମୀକ୍ଷା

ବିଭିନ୍ନ କାରଣରୁ ବ୍ରହ୍ମପୁର ମହାନଗର ନିଗମର ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଆଗକୁ ବଢିପାରିନାହିଁ। ବର୍ତ୍ତମାନ ପରିସ୍ଥିତିରେ ସେଗୁଡିକୁ କିଭଳି ଶେଷ କରାଯିବ ସେଥିପାଇଁ ଅଣ୍ଟା ଭିଡ଼ିଛନ୍ତି ବିଇଏମ୍‌ସି କମିଶନର ପ୍ରଥମେସ ଅରବିନ୍ଦ ରାଜର୍ସିକେ। ଦାୟିତ୍ୱ ଗ୍ରହଣର ପ୍ରଥମ ଦିବସରୁ ହିଁ ସେ ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ବର୍ତ୍ତମାନ ନିୟଭିତ ଭାବେ ନିଗମର ସମସ୍ତ ୪୨ଟି ୱାର୍ଡକୁ ପ୍ରତ୍ୟକ୍ଷ ଭାବେ ଗସ୍ତ କରି ସ୍ଥାନୀୟ କର୍ପୋରେଟର ଓ ଅଞ୍ଚଳବାସୀଙ୍କ ସହ ସାକ୍ଷାତ ଆଲୋଚନା କରୁଛନ୍ତି। ଏହି କ୍ରମରେ ଗୁରୁବାର ପୂର୍ବାହ୍ନରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ବରିଷ୍ଠ ଅଧିକାରୀଙ୍କ ସହ ୨୬ନମ୍ବର ୱାର୍ଡ ଅନ୍ତର୍ଗତ ଗୋଷାଣିନୂଆଗାଁ ୩୫ଏକରରୁ ଊର୍ଦ୍ଧ୍ୱ ବ୍ୟାପ୍ତ ‘ବେଢ଼ା ବନ୍ଧ’କୁ ପରିଦର୍ଶନରେ ଯାଇଥିଲେ। ପୂର୍ବ ସରକାର ଅମଳରେ ‘ଆମ ପୋଖରୀ’ ଯୋଜନାରେ ତଥା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ‘ମୁକ୍ତା’ ଅନ୍ତର୍ଗତ ଏହି ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିଲା। ଏପ୍ରିଲ ୨୦୨୩ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ପାଇଁ ୭କୋଟି ୩୨ଲକ୍ଷ ୮୩ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଶତକଡ଼ା ୫୦ପ୍ରତିଶତ କାମ ହୋଇସାରିଛି। ତେବେ ଅବଶିଷ୍ଟ କାର୍ଯ୍ୟ ସହିତ ଆନୁସଙ୍ଗିକ କାର୍ଯ୍ୟ ପାଇଁ ମଧ୍ୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ହେଁ ତାହା ଆରମ୍ଭ ହୋଇପାରି ନାହିଁ କିମ୍ବା ବେଢ଼ା ବନ୍ଧର ଅବଶିଷ୍ଟ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏଭଳି ସ୍ଥିତିରେ ଦୁଇ ବର୍ଷ ଅତିବାହିତ ହୋଇଯାଇଛି। ବେଢା ବନ୍ଧର ପୁନଃଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ହେଲେ ଆହୁରି ଅଧିକ ଅର୍ଥିକ ଅନୁଦାନର ଆବଶ୍ୟକତା ରହିଛି। ତେବେ ଅମୃତ ଯୋଜନାରେ ସହରାଞ୍ଚଳକୁ ଆସୁଥିବା ଅନୁଦାନରେ କୌଣସି କଂକ୍ରିଟ କାର୍ଯ୍ୟ କରିବା ସମ୍ଭବପର ନୁହେଁ। ଏଣୁ ଏଥିପାଇଁ ଆଉ କୌଣସି ଯୋଜନାରୁ ଅଥବା ଅନ୍ୟ କୌଣସି ଉପାୟରେ ଅର୍ଥ ବ୍ୟୟବରାଦ କରାଯାଇପାରିବ ତାକୁ ନେଇ ଘାରିଛି ଚିନ୍ତା। ତେବେ ଯେଣତେଣ ପ୍ରକାରେ ଏହି ଅଧପନ୍ତରିଆ ଭାବେ ରହିଥିବା ପ୍ରକଳ୍ପ କାର୍ଯ୍ୟକୁ କିଭଳି ଅଗଷ୍ଟ ଶେଷ ପୂର୍ବରୁ ଅର୍ଥାତ୍ ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବରୁ ଶେଷ କରାଯାଇପାରିବ ସେନେଇ କମିଶନର ଉପସ୍ଥିତ ଅଧିକାରୀଙ୍କ ସହିତ ପରାମର୍ଶ କରିଥିଲେ। ତେବେ ଆଗକୁ ବର୍ଷ ଦିନ ଥିବାରୁ ଅଗଷ୍ଟ ଶେଷ ସୁଦ୍ଧା ନହେଲେ ମଧ୍ୟ ଅକ୍ଟୋବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରି ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଥିପୂର୍ବରୁ ପୋଖରୀ ସଂଲଗ୍ନ ଅଞ୍ଚଳରେ ଗାର୍ଡୱାଲ, ପକ୍କା ରାସ୍ତା, ଶୌଚାଳୟ ଓ ଡ୍ରେନର ବ୍ୟବସ୍ଥା କରିବା ଉପରେ ସ୍ଥାନୀୟ କର୍ପୋରେଟର ଧୀରେଶ ସାବତ କମିଶନରଙ୍କୁ ପ୍ରସ୍ତାବ ଦେଇଥିଲେ। କର୍ପୋରେଟରଙ୍କ ଦାବି ଯୁକ୍ତିଯୁକ୍ତ ଥିବା ଦର୍ଶାଇ ସେଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେପଟେ ସହରରେ ଥିବା ମୋଟ ୪୧ଟି ଜଳାଶୟ ମଧ୍ୟରୁ ୨୭ନମ୍ବର ୱାର୍ଡରେ ଘରୋଇ ବା ବ୍ୟକ୍ତିଗତ ମାଲିକାନାରେ ଥିବା ଦୁଇଟି ବନ୍ଧ ଯଥା ମହାନ୍ତି ବନ୍ଧ ଓ ନାଇଡୁ ବନ୍ଧକୁ ବାଦ୍ ଦେଇ ନିଗମ ଅଧିନରେ ରହିଛି ଅବଶିଷ୍ଟ ୩୯ଟି ଜଳାଶୟ। ପ୍ରଥମ ପର୍ଯ୍ୟାୟରେ ବିଇଏମସି ପକ୍ଷରୁ ୧୭ଟି ଜଳାଶୟର ପୁନଃରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଗୁଡିକର ସ୍ଥିତି ସମ୍ପର୍କରେ ଜାଣିବାକୁ ବିଇଏମସିର ବିଭିନ୍ନ ୱାର୍ଡ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ସିଟି ଇଂଜିନିୟରଙ୍କ ସହିତ ସମୀକ୍ଷା କରିଛନ୍ତି କମିଶନର। ଏହି ଅବସରରେ ନଗରଯନ୍ତ୍ରୀ ମନୋଜ କୁମାର ପାତ୍ର, ନିର୍ବାହୀଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି, ସହକାରୀ ନିର୍ବାହୀଯନ୍ତ୍ରୀ ରାଜୀବ ପଣ୍ଡା ଓ କନିଷ୍ଠ ଯନ୍ତ୍ରୀ ସଂଜୀବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ଅଞ୍ଚଳରେ ବିକାଶ ଏମିତି

# କାର୍ଯ୍ୟକ୍ଷମ ହୋଇପାରୁନି ଆୟୁଷ ହସ୍ପିଟାଲ

ବ୍ରହ୍ମପୁର,୩।୭(ସମିସ): ଗଞ୍ଜାମ ଜିଲ୍ଲାରେ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ନେଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ନିଷ୍ପତ୍ତିକୁ ୯ବର୍ଷରୁ ଅଧିକ କାଳ ବିତିଯାଇଥିବା ବେଳେ ଆଜି ମଧ୍ୟ ଜିଲ୍ଲାବାସୀଙ୍କ ନିମନ୍ତେ ଏହି ହସ୍ପିଟାଲ ସ୍ୱପ୍ନ ହୋଇ ରହିଯାଇଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ନହୋଇପାରିବା ଚିନ୍ତାର ବିଷୟ ପାଲଟିଛି। ଖଣି ଓ ପରିବହନ ମନ୍ତ୍ରୀ ତଥା ଖୋଦ ଗୋପାଳପୁର ବିଧାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର କରାପଲ୍ଲୀ ଠାରେ ଆୟୁଷ ହସ୍ପିଟାଲ ନିର୍ମାଣ ହୋଇଛି। ସେପଟେ କରାପଲ୍ଲୀ ଠାରେ ୫୦ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ନିମନ୍ତେ କୋଠା ନିର୍ମାଣ ସାଙ୍ଗକୁ ସମସ୍ତ ଭିତ୍ତିଭୂମିର ମଧ୍ୟ ବ୍ୟବସ୍ଥା ହୋଇଛି। କିନ୍ତୁ ପୂର୍ତ୍ତବିଭାଗ ପକ୍ଷରୁ କୋଠା ହସ୍ତାନ୍ତର କାର୍ଯ୍ୟ ସାଙ୍ଗକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ୬୦ପ୍ରତିଶତ ଅନୁଦାନର ୟୁଟିଲାଇଜେସନ ସାର୍ଟିଫିକେଟ ବା ୟୁସି ପ୍ରଦାନ କରିବାରେ ବିଳମ୍ବ ହେଉଛି। ଫଳରେ ଦୀର୍ଘ ୯ବର୍ଷରୁ ଅଧିକ କାଳ ହେବ ଜିଲ୍ଲାବାସୀଙ୍କ ନିମନ୍ତେ ଆୟୁଷ ହସ୍ପିଟାଲ ଏକ ସ୍ୱପ୍ନ ହୋଇ ରହିଯାଇଛି। ଯଦ୍ୱାରା କେବଳ ଗଞ୍ଜାମ ନୁହେଁ ବରଂ ସମଗ୍ର ଦକ୍ଷିଣଓଡ଼ିଶାର ଲକ୍ଷାଧିକ ରୋଗୀ ଆୟୁର୍ବେଦିକ ଓ ହୋମିଓପାଥିକ ଭଳି ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବାପରେ ଏହା ଦକ୍ଷିଣଓଡ଼ିଶାର ଏକ ସ୍ୱତନ୍ତ୍ର ହସ୍ପିଟାଲ ଭାବେ ପରିଗଣିତ ହେବ। ଏଠାରେ ଆୟୁର୍ବେଦ ଚିକିତ୍ସା ସହ,



ଯୋଗ ପ୍ରକ୍ରିୟାରେ ଚିକିତ୍ସା, ସିଦ୍ଧ, ୟୁନାନୀ ଏବଂ ହୋମିଓପାଥିକ ଚିକିତ୍ସା ପ୍ରକ୍ରିୟାରେ ରୋଗୀ ଚିକିତ୍ସା ସେବା ପାଇପାରିବେ। ସୂଚନାଯୋଗ୍ୟ ଯେ, ସମଗ୍ର ରାଜ୍ୟରେ ମୋଟ ୩ଟି ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ୨୦୧୬ମସିହାରେ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ ଗୋଟିଏ ହସ୍ପିଟାଲ ଗଞ୍ଜାମ ଜିଲ୍ଲାରେ ଏବଂ ଅନ୍ୟ ଦୁଇଟି ବାଲେଶ୍ୱର ଓ ଢେଙ୍କାନାଳରେ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଥିଲା। ଏହି ହସ୍ପିଟାଲଟି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ସ୍ଥାପିତ ହେବାକୁ ଯାଉଛି। ୨୦୨୧ମସିହା ମାର୍ଚ୍ଚରେ ତତ୍କାଳୀନ ନବୀନ ସରକାରଙ୍କ ପକ୍ଷରୁ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ଠାରେ ଖାତା ନଂ-୪୦୨, ପ୍ଲଟ ନଂ-୨୨୮୫ ଏବଂ ୨୨୮୭ ଅନ୍ତର୍ଗତ ୧.୭୦ ଡେସିମିଲ ଜମି ଯୋଗାଇ ଦିଆଯାଇଥିଲା। କୋଠା ନିର୍ମାଣ ନିମନ୍ତେ ବିନିଯୋଗ ହୋଇଥିବା ମୋଟ ୧୨କୋଟି ୪୦ଲକ୍ଷ ଟଙ୍କାରୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗତ ୨୦୨୧ମସିହା ଅଗଷ୍ଟରେ ଶତକଡା ୬୦ପ୍ରତିଶତ ଅର୍ଥ ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଶିଷ୍ଟ ଶତକଡା ୪୦ ପ୍ରତିଶତ ଅନୁଦାନ ପ୍ରଦାନ କରାଯାଇଛି। ତଥାପି ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଆୟୁର୍ବେଦ ଅଧିକାରୀ ଡା. ରାମଚନ୍ଦ୍ର ବେହେରା କହିଛନ୍ତି, ପୂର୍ତ୍ତବିଭାଗ ପକ୍ଷରୁ କୋଠା ହସ୍ତାନ୍ତର ହୋଇନାହିଁ। ଫଳରେ ଜିଲ୍ଲାରେ ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି। କୋଠା ହସ୍ତାନ୍ତର ପରେ ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ନିମନ୍ତେ ପଦେକ୍ଷପ ଗ୍ରହଣ କାରାଯିବ ବୋଲି ଡ଼ା. ବେହେରା କହିଛନ୍ତି।

# ଲଗାଣ ବର୍ଷାରେ ରାସ୍ତାକୁ ଖସିଲା ପଥର

ତୁମୁଡିବନ୍ଧ, ୩।୭ (ସମିସ)



ଲଘୁଚାପଜନିତ ବର୍ଷା କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଅଞ୍ଚଳରେ ଲାଗି ରହିଛି। ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କିଛି ସ୍ଥାନରେ ରାସ୍ତା ଧୋଇ ଯାଇଯାଇଛି। କିଛି ସ୍ଥାନରେ ବଡ଼ ପଥର ଓ ମାଟି ଅତଡ଼ା ଖସି ରାସ୍ତା ଜାମ ହୋଇଛି। ବ୍ଲକର ସିର୍ଲା ପଞ୍ଚାୟତ ଅଞ୍ଚଳରେ ଏପରି ସ୍ଥିତି ଦେଖିବାକୁ ମିଳିଛି। ସିର୍ଲା ପଞ୍ଚାୟତର ୧୩ ଗାଁ ଓ କୋଟଗଡ଼ ବ୍ଲକ ଅଧୀନରେ ଥିବା ସିର୍ଲା ପଞ୍ଚାୟତର ପଡୋଶୀ ପଞ୍ଚାୟତ ପାରିଗଡ଼ ପଞ୍ଚାୟତକୁ ଯାତାୟତ ବନ୍ଦ ହୋଇଯାଇଛି। ଏଥିଯୋଗୁଁ ଦୁଇ ପଞ୍ଚାୟତର ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ସିର୍ଲା ପଞ୍ଚାୟତର ମାଲାଙ୍ଗପଦର ଠାରୁ ପାରିଗଡ଼କୁ ସଂଯୋଗ କରୁଥିବା ରାସ୍ତାର ଟେକଲାମିଲା ଘାଟିରେ ପଥର ସହିତ ମାଟି ଅତଡ଼ା ଖସି ରାସ୍ତା ବନ୍ଦ ହୋଇଯାଇଛି। ଯାହାଫଳରେ ସିର୍ଲା ପଞ୍ଚାୟତର ୧୩ ଗାଁ ସହିତ କୋଟଗଡ଼ ବ୍ଲକ ପାରିଗଡ଼ ପଞ୍ଚାୟତକୁ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହି ଅଞ୍ଚଳ ଲୋକଙ୍କ ତୁମୁଡିବନ୍ଧ ଓ ବାଲିଗୁଡ଼ାକୁ ସଂଯୋଗ କରୁଥିବା ଏହା ମୁଖ୍ୟ ରାସ୍ତା। ଯାହା ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ୧୦୮ ଆମ୍ବୁଲାନ୍ସ ସେବାରୁ ସେମାନେ ବଞ୍ଚିତ ଥିବା ଜଣାପଡ଼ିଛି। ତୁରନ୍ତ ପଡ଼ିଥିବା ପଥର ଓ ମାଟି ହଟାଇ ଯାତାୟତ ସ୍ୱାଭାବିକ କରିବାକୁ ପାରିଗଡ଼ ସମିତିସଭ୍ୟ ସୁରୁଦା ପ୍ରଧାନ ଦାବି କରିଛନ୍ତି। ଏହା ସହିତ ସେହି ରାସ୍ତାରେ ପିଚୁ ଉଠିଯାଇ ଖାଲଖମ ହୋଇଥିବାରୁ ଯାତାୟତ ଅସୁବିଧା ହେଉଛି। ତୁରନ୍ତ ରାସ୍ତାର ମରାମତି କରାଯିବାକୁ ସେ ଅନୁରୋଧ କରିଛନ୍ତି। ଟେକଲାମିଲା ରାସ୍ତାର ଘାଟିରେ ପଡ଼ିଥିବା ବଡ଼ ପଥର ଓ ମାଟି ହଟାଇବାକୁ ସିର୍ଲା ଗ୍ରାମର ରାଧାକାନ୍ତ ପାଟମାଝି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଶିବ ନାରାୟଣ ସେଠୀଙ୍କୁ ଅବଗତ କରାଯିବାରେ ରାସ୍ତାରେ ପଡ଼ିଥିବା ପଥର ଓ ମାଟି ହଟାଯାଇ ଯାତାୟତ ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି କହିଛନ୍ତି।

**ଦୁଇ ପଞ୍ଚାୟତକୁ ଯାତାୟାତ ପ୍ରଭାବିତ**

**ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ**

# ଦେଢ଼ କିମି କାନ୍ଧରେ ବୋହିଲେ ମୃତଦେହ



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲାଇଲାଇ ପଞ୍ଚାୟତ ସାନଲୋବା ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ରର ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ଗଣେଶ ପ୍ରଧାନ (୨୧)। ସେ ବ୍ରହ୍ମପୁରସ୍ଥିତ ଖଲିକୋଟ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ର। ସେ ନିଜ ଗ୍ରାମ ସାନଲୋବାରେ ମଙ୍ଗଳବାର ରାତିରେ ଘରେ ଶୋଇଥିଲେ। ମଧ୍ୟରାତ୍ରିରେ କୌଣସି ଏକ ବିଷାକ୍ତ ସର୍ପ ତାଙ୍କ ହାତକୁ ଦଂଶନ କରିଥିଲା। ଯନ୍ତ୍ରଣାରେ ଛଟପଟ ହେବାରୁ ପରିବାର ଲୋକେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ରାୟଗଡ଼ ଥାନା ପୁଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆଜି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ରାୟଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି। ତେବେ ଗଣେଶଙ୍କ ଶବକୁ ଆଣିବା ପାଇଁ ପରିବାର ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ଲାଇଲାଇ ମୁଖ୍ୟରାସ୍ତାର ସାନଲୋବା ଛକ ଠାରୁ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି କାନ୍ଧରେ ବୋହି ପାଦଚଲା ରାସ୍ତାରେ ଆଣିଥିଲେ। ଏଭଳି ଘଟଣା ଏଠାରେ ନିତିଦିନିଆ ହୋଇଥିବା ବେଳେ ଏହି ସମସ୍ୟାର ସମାଧାନ ଦିଗରେ କେହି ମଧ୍ୟ ଦୃଷ୍ଟି ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଋତୁରେ ଏହି ଗ୍ରାମବାସୀ ଯାତାୟତ ବି କରିପାରୁ ନାହାନ୍ତି। ସ୍କୁଲ କଲେଜ, ସ୍ୱାସ୍ଥ୍ୟସେବା, ବ୍ୟବସାୟ ସରକାରୀ କାର୍ଯ୍ୟ ଯେଣତେଣ ଚାଲିଚାଲି କରୁଥିବା ବେଳେ ଅନେକ ନିଜ ଭାଗ୍ୟକୁ ଆଦରି ଅପାଠୁଆ, ଚିକିତ୍ସା ଅଭାବରୁ ମୃତ୍ୟୁ, ଦାରିଦ୍ର୍ୟ ଓ ସରକାରୀ ଯୋଜନାରୁ ବାଦ ପଡ଼ି ରହିଛନ୍ତି। ଗଣେଶର ମୃତ୍ୟୁ ସରକାରଙ୍କ ପାଇଁ ପ୍ରଶ୍ନ ସୃଷ୍ଟି କରିଛି। ଅପରପକ୍ଷେ ସ୍ଥାନୀୟ ଜନପ୍ରତିନିଧି, ରାଜନେତା ଓ ଶାସକ ପ୍ରଶାସକ ରାସ୍ତାଟିଏ ନଥିବା ଗ୍ରାମ ପ୍ରତି ନିଘା ରଖୁନାହାନ୍ତି। ଅଭିଯୋଗ ଆସିଲେ ସଫେଇ ଦେବାକୁ କିମ୍ବା ରାଜନୀତି କରିବାକୁ ପଛାଉ ନାହାନ୍ତି। ଗଜପତି ଜିଲ୍ଲାରେ ସାନଲୋବା ପରି ଅନେକ ଗ୍ରାମ ରହିଛି ଯେଉଁଠାକୁ ଯିବାକୁ ହେଲେ ବନପାହାଡ଼ ଅତିକ୍ରମ କରିବାକୁ ପଡୁଛି।

## ଠାକୁରଙ୍କ କୃଷ୍ଣ ବଳରାମ ବେଶ



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରଥଯାତ୍ରାର ସପ୍ତମ ଦିବସରେ ପ୍ରବଳ ଜନସମାଗମ ହୋଇଥଲା। ସପ୍ତମ ଦିବସରେ ଠାକୁର କୃଷ୍ଣ ବଳରାମ ବେଶରେ ଦର୍ଶନ ଦେଇଥିଲେ। ଏହାକୁ ଦେଖିବା ପାଇଁ ଗୁଣ୍ଡିଚାବାଡ଼ିରେ ଗଜପତି ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଝିପି ଝିପି ବର୍ଷା ସତ୍ତ୍ୱେ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରାମ ବଳରାମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ




ଜି.ଉଦୟଗିରି, ୩।୭ (ସମିସ): ଆଡପ ମଣ୍ଡପରେ ଆଜି ରାମ-ବଳରାମ ଅବତାରରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏହାକୁ ଦର୍ଶନ କରିବାକୁ ଭକ୍ତଙ୍କ ଗହଳି ଲାଗି ରହିଥିବା ବେଳେ ସନ୍ଧ୍ୟାରେ ଭକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଦୁଇଦିନିଆ ବିଜ୍ଞାନ ଶିବିର



ଜି.ଉଦୟଗିରି, ୩।୭ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ହାଇସ୍କୁଲରେ ଦୁଇ ଦିନିଆ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଯୋଗ ଦେଇ ବିଜ୍ଞାନକୁ କିଭଳି ସହଜ ଏବଂ ସରଳ ପଦ୍ଧତିରେ ବୁଝିପାରିବେ ପାଠ୍ୟକ୍ରମର ସେହି ବିଷୟ ବସ୍ତୁକୁ ନେଇ ପରୀକ୍ଷା କରି ଦେଖାଇଥିଲେ। ଏହାକୁ ବିଦ୍ୟାର୍ଥୀ ସହଜରେ ବୁଝି ପାରିଥିଲେ। ଶିବିରରେ ୧୦ ଶ୍ରେଣୀର ଶତାଧିକ ଛାତ୍ର ଅଂଶଗ୍ରହଣ କରିଥିଲେ।

## କେରାଣ୍ଡି ମଠ ମହନ୍ତଙ୍କ ପରଲୋକ



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ମଠ ମହନ୍ତ ତଥା ଶିକ୍ଷାବିତଙ୍କ ପରଲୋକରେ ଜିଲ୍ଲାର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମହନ୍ତ ଦାମୋଦର ଦାସ ଓରଫ୍ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାମଲ (୭୭)ଙ୍କ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ସେ କିଛି ମାସ ହେଲା ଅସୁସ୍ଥ ଥିଲେ। ସ୍ୱର୍ଗତ ମହନ୍ତ ୧୯୮୩ ମସିହାରେ କେରାଣ୍ଡି ମଠ ପରିଚାଳନା ଦାୟିତ୍ୱ ଭାର ନେଇଥିଲେ। ଏହା ସହ ସେ ଶିକ୍ଷକତା ମଧ୍ୟ କରୁଥିଲେ। ଉଭୟ ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସି ଅଞ୍ଚଳରେ ବେସ୍ ଖ୍ୟାତି ଅର୍ଜନ କରିପାରିଥିଲେ। କର୍ମମୟ ଜୀବନରେ ସେ ବିଭିନ୍ନ ସ୍ଥାନରେ ଶିକ୍ଷକତା କରିବା ସହ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ, ନାରାୟଣପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଦି ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ଗୁରୁବାର ସନ୍ଧ୍ୟାରେ ମରଶରୀର କେରାଣ୍ଡିରେ ପହଞ୍ଚିବା ପରେ ବିଭିନ୍ନ ମହଲର ବ୍ୟକ୍ତି ବିଶେଷ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋଇଛି।

# ଜାତୀୟସ୍ତରୀୟ ବୁଥ୍ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟସ୍ତରୀୟ ବୁଥ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର



ସାହୁ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ୧୩୬ ମୋହନା (ଏସଟି) ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା୨୯୭ ଓ ୧୩୭ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା ୨୭୬ର ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ତାଲିମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ୨ ଓ ୪ ଠାରେ ଛଅ ଦିନ ଧରି ଅନୁଷ୍ଠିତ ହେବ। ୧୮ ବର୍ଷ ହେଉଥିବ ନୂତନ ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗକରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା, ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା, ଫର୍ମ -୭ରେ ନାମକୁ ବାଦ କରିବା, ଫର୍ମ -୮ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି। ସେହିପରି ଯୋଗ୍ୟ ବିବେଚିତ ଭୋଟର ଅନଲାଇନ୍‌ରେ ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥସ୍ତରୀୟ ଅଧିକାରୀଙ୍କ ଠାରେ ମଧ ଫର୍ମ -୬, ୭, ୮ ଓ ୬ଖରେ ଆବେଦନ କରିପାରିବେ। ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶିକ୍ଷକ ରାଜୁ ମଲିକ, ସିଆରସିସି ନରେଶ ପ୍ରଧାନ, ଜିପିଇଓ ନରସିଂହ ଚନ୍ଦ୍ର ମିଶ୍ର, ସିଆର୍‌ସିସି ରଜନୀକାନ୍ତ ସାହୁକାର ରହିଥିବା ବେଳେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ଶିକ୍ଷକ ୱାଇ. ଶିବ କୁମାର, ସିଆରସିସି ଏମ.ଉମାପତି, ରଶ୍ମିତା ସାମଲ ଓ ପି.ଭେଙ୍କଟେଶ୍ୱରଲୁ ମାଷ୍ଟର ଟ୍ରେନର ଭାବରେ ଉପସ୍ଥିତ ରହି ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜନସେନା ପାର୍ଟି ନେତାଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସାତମାଇଲ ଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଆନ୍ଧ୍ରପ୍ରଦେଶ ମଞ୍ଜୁଷା ମଣ୍ଡଳର ଜନସେନା ପାର୍ଟି ନେତା ଜି. ନେତାଜୀଙ୍କ ମୃତ୍ୟୁ ହୋଇଛି। ନେତାଜୀ ତାଙ୍କ ମା ଜେ. ପାର୍ବତୀଙ୍କ ସହ ପାରଳାଖେମୁଣ୍ଡି ସହରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସେ ମଙ୍ଗଳବାର ଅପରାହ୍ଣରେ ବାଇକ୍‌ରେ ତାଙ୍କ ମା'ଙ୍କୁ ଧରି ମଞ୍ଜୁଷା ମଣ୍ଡଳର ମାଧାଗ୍ରାମକୁ ଫେରୁଥିବା ବେଳେ ସାତମାଇଲ ଛକ ନିକଟରେ ବିପରିତ ଦିଗରୁ ଆସୁଥିବା ଅଡବା-ପାରଳାଖେମୁଣ୍ଡି ବସ୍ ସହ ଧକ୍କା ହୋଇଥିଲା। ଏଥିରେ ମା ଓ ପୁଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆନ୍ଧ୍ରର ଶ୍ରୀକାକୁଲମସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ନେତାଜୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ହୋଇଥିବା ଖବର ପାଇବାପରେ ଗୁରାଣ୍ଡି ଥାନା ପୁଲିସ ଶ୍ରୀକାକୁଲମ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଆଜି ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବାର ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ନେତାଜୀଙ୍କ ମୃତ୍ୟୁ ଖବର ପାଇ ଜନସେନା ପାର୍ଟିର ବହୁ ନେତା ଓ କର୍ମୀ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ଜନ୍ମମାଟିକୁ ନେଇଥିଲେ। ସୂଚନା ମୁତାବକ ନେତାଜୀ ଦୁଇ ମାସ ପୂର୍ବେ ବିବାହ କରିଥିଲେ ଏବଂ ସେ ମଞ୍ଜୁଷା ଅଞ୍ଚଳରେ ଜନସେନା ପାର୍ଟିର ଆଗଧାଡ଼ିରେ ନେତା ଥିଲେ।

## ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ଚାରା ରୋପଣ



ଗୋଷାଣି, ୩।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧାସ୍ଥିତ ସରକାରୀ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍‌ସ ଓ ଗାଇଡସ୍ ତରଫରୁ ୭୬ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତ୍ ଯୋଗ ଦେଇଥିବା ବେଳେ ଗାରାବନ୍ଧ ବନପାଳ ସନ୍ତୋଷ କୁମାର ପରିଚ୍ଛା, ବନରକ୍ଷୀ ଅନନ୍ତ କୁମାର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ତିରୁମଲା ରାଓ ପଟ୍ଟନାୟକଙ୍କ ସମେତ ବନକର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପାତ୍ରଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ୧୦ କଦମ୍ବ, ୧୦ ଡାଳିମ୍ବ, ୮ ପିଜୁଳି, ୧୦ ଅମୃତଭଣ୍ଡା ଚାରାରୋପଣ କରାଯାଇଥିଲ।। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ




ପାରଳାଖେମୁଣ୍ଡି, ୩।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ୭୬ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉପଲଡା ସ୍ଥିତ ଟାଗୋର୍ ମେମୋରିଆଲ ହାଇସ୍କୁଲରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଏବଂ ଏହାର ଉପକାରିତାକୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ର, ଜିଲ୍ଲା ଶାରରୀକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର ପାତ୍ର, ବନବିଭାଗର ଫରେଷ୍ଟର ସନ୍ତୋଷ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ.ଧର୍ମା ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନ ସେବା ପ୍ରାଧିକାରଣର ସଚିବ ଏବଂ ସମସ୍ତ ଅତିଥିଙ୍କ ସହ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହା ସହ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ




ବାଲିଗୁଡ଼ା, ୩।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ବନବିଭାଗ ତରଫରୁ ଚାରାବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାଙ୍କ ନାମରେ ଗଛ ଟିଏ ଓ ବୃକ୍ଷ ବିନା ଜୀବନର ପରିକଳ୍ପନା ନାହିଁର ପ୍ରତିଫଳକରେ ବିତରଣ କେନ୍ଦ୍ର ଚତୁଃପାର୍ଶ୍ୱ ସାଜସଜା କରାଯାଇଛି। ବିତରଣ କେନ୍ଦ୍ର ରେ ପାଖାପାଖି ୭୦ ପ୍ରକାରର ଦଶହଜାର ଚାରା ଉପଲବ୍ଧ ରହିଛି। ଏହି କାର୍ଯ୍ୟକ୍ରମରେ ଏସ୍‌ସିଏଫ୍‌ଓ ସୂର୍ଯ୍ୟ ବେହେରା, ବନାଞ୍ଚଳ ଅଧିକାରୀ ସୁବାଷ ଚନ୍ଦ୍ର ଦିଗାଲ ଓ ବନପାଳ ପ୍ରଭାତ ଦୋରା ଯୋଗ ଦେଇଥିଲେ। ଆଖାପାଖର ସାଧାରଣ ଜନତାଙ୍କ ସହ ବହୁ ମହିଳା ଓ କଲେଜ ଛାତ୍ରଛାତ୍ରୀଙ୍କୁ ଚାରାବଣ୍ଟନ କରାଯାଇଥିଲା। ବାଲିଗୁଡ଼ାର ପ୍ରତ୍ୟେକ ଜନସାଧାରଣ ନିଜ ନିଜ ଘରେ ଅତି କମରେ ଗୋଟିଏ ଚାରାରୋପଣ କରି ତାରା ରକ୍ଷଣାବେକ୍ଷଣ କରି ଗଛକୁ ବଡ କରିବା ପାଇଁ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା ଅନୁରୋଧ କରିଥିଲେ।

**● ୨ ମାସ ହେଲା ନେଟୱର୍କ ଅଚଳ, ବିଭାଗ ଶୁଣୁନି**

# ରାସ୍ତାରୋକ କରିବେ ଦଣ୍ଡିକିଆ ପଞ୍ଚାୟତବାସୀ



ଫିରିଙ୍ଗିଆ, ୩।୭ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ଅଧିକାଂଶ ଗ୍ରାମର ଲୋକେ ମୋବାଇଲ ନେଟୱର୍କ ସେବାରୁ ଲୋକେ ବଞ୍ଚିତ ରହିଛନ୍ତି। ବ୍ଲକର ଅନେକ ଗାଁରେ ଟାୱାର ନିର୍ମାଣ ହୋଇଛି। କିନ୍ତୁ ବର୍ଷ ବର୍ଷ ବିତିଥିଲେ ବି କାର୍ଯ୍ୟକ୍ଷମ ହେଉ ନଥିବା ବେଳେ ଯେଉଁଠି ନିର୍ମାଣ ପରେ କାର୍ଯ୍ୟକ୍ଷମ ହୋଇଛି ତାହା ମଧ୍ୟ ଠିକ ଭାବରେ କାର୍ଯ୍ୟକ୍ଷମ ହେଉନାହିଁ। ଅଧିକାଂଶ ସମୟରେ ନେଟୱର୍କ ସେବା ରହୁନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କେହି ଗୁରୁତ୍ୱ ଦେଉନଥିବାରୁ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଜରୁରୀ ସମସ୍ୟା ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ସେବା ଆମ୍ବୁଲାନ୍ସ କି ଜରୁରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତଳ ଦଣ୍ଡିକିଆ ପଞ୍ଚାୟତ ନିକଟରେ ସ୍ଥାପିତ ବିଏସ୍‌ଏନ୍‌ଏଲ୍ ଟାୱାର କିଛି ଦିନ କାର୍ଯ୍ୟକ୍ଷମ ପରେ ଦୁଇ ମାସ ହେବ ଅଚଳ ହୋଇପଡ଼ିଛି। ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ। ତଥାପି ବିଭାଗୀୟ ଅଧିକାରୀ ସମସ୍ୟାକୁ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଦୀର୍ଘ ଦିନ ଧରି ସମସ୍ୟାର ସମାଧାନ ନ ହେବାରୁ ବାଧ ହୋଇ ତଳଦଣ୍ଡିକିଆ ସରପଞ୍ଚ ଶଙ୍କର ପ୍ରଧାନଙ୍କୁ ଅଞ୍ଚଳବାସୀ ଡାକି ଆନ୍ଦୋଳନ କରିବା ସହ ବନ୍ଧଗଡ଼ କସମ ଛକ ଠାରେ ରାଜ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫିରିଙ୍ଗିଆ ଥାନାରେ ଉକ୍ତ ଅଞ୍ଚଳବାସୀ ସରପଞ୍ଚଙ୍କ ଜରିଆରେ ଏକ ଲିଖିତପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୪ ତାରିଖ ଶୁକ୍ରବାର ସକାଳ ୭ ଟାରୁ ମୋବାଇଲ ନେଟୱର୍କ ଯୋଗାଇ ଦେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକ କରାଯିବାକୁ ଅଞ୍ଚଳବାସୀ ଲିଖିତ ଭାବରେ ଜଣାଇଛନ୍ତି। ବାରମ୍ବାର ଅଭିଯୋଗକୁ ବିଭାଗ କୌଣସି ଗୁରୁତ୍ୱ ଦେଉ ନଥିବା ଜଣାଇ ସରପଞ୍ଚ ଶଙ୍କର ପ୍ରଧାନ ଓ ଗ୍ରାମର ୫୦ରୁ ଅଧିକ ଅଞ୍ଚଳ ବାସୀ ଫିରିଙ୍ଗିଆ ଥାନାକୁ ଯାଇ ନେଟୱର୍କ ସମସ୍ୟା ବିଷୟରେ ଅବଗତ କରିବା ସହ ରାସ୍ତାରୋକ କରାଯିବା ସମ୍ପର୍କରେ ଜଣାଇଛନ୍ତି।

# ଦୂଷିତ ଜଳ ଯୋଗାଣ, ରୋଗକୁ ନିମନ୍ତ୍ରଣ

ମୋହନା, ୩।୭ (ସମିସ)





ଗଜପତି ଜିଲ୍ଲା ମୋହନା ସହର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ପଞ୍ଚାୟତ ତରଫରୁ ଯୋଗାଣ ହେଉଥିବା ଦୂଷିତ ଜଳ ବର୍ତ୍ତମାନ ଅଞ୍ଚବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସୂଚନାଯୋଗ୍ୟ ଯେ ମୋହନା ପଞ୍ଚାୟତ ତରଫରୁ ସ୍ଥାନୀୟ ଶିବ ମନ୍ଦିର ନଦୀ ମୁହାଣେର ଥିବା ପୁରାତନ କୂପରୁ ସହରର ବିଭିନ୍ନ ସାହିକୁ ଜଳ ଯୋଗାଣ କରାଯାଉଛି। କିନ୍ତୁ ବର୍ତ୍ତମାନ ଉକ୍ତ ଗୋଳିଆ ଏବଂ କଳା ରଙ୍ଗର ଜଳ ପାଇପରୁ ବାହାରୁଛି, ଯାହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ଏଭଳି କ୍ଷେତ୍ରରେ ସହରବାସୀ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଉପରେ ପାନୀୟ ଜଳ ପାଇଁ ନିର୍ଭରଶୀଳ ହେଉଛନ୍ତି। କିନ୍ତୁ ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଥିବା ନଳକୂଅ ମଧ୍ୟ ଅଚଳ ହୋଇପଡ଼ିଛି। ସହରର ମୁଖ୍ୟ ସ୍ଥାନ ଜଗନ୍ନାଥ ମନ୍ଦିର ସାହି, ମାଣିକେଶ୍ୱରୀ ସାହି, ତାରିଣୀ ନଗର, ନାରାୟଣ ନଗର, ରଙ୍ଗମାଟିଆ, ହାଇସ୍କୁଲ ଛକ ଆଦି ସ୍ଥାନରେ ଥିବା ନଳକୂପ ଅଚଳ ହୋଇଯିବା ଫଳରେ ଯୋଗାଣ ପାଇପରେ ଆସୁଥିବା ଦୂଷିତ ଜଳକୁ ପିଇବା ପାଇଁ ବାଧ ହେଉଛନ୍ତି ଜନସାଧାରଣ। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ କନିଷ୍ଠ ଯନ୍ତ୍ରୀ ଏବଂ ସରପଞ୍ଚଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ନଳକୂପ ଗୁଡିକ ମରାମତି କରିବା ପାଇଁ ଅନୁରୋଧ କରିଥିଲେ ମଧ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦ ସ୍ୱରୂପ ମୋହନା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ବର୍ତ୍ତମାନ ଗ୍ରାମର ନାଳ ନର୍ଦ୍ଦମା ନିର୍ମାଣ କରାନଯିବା ଯୋଗୁଁ ନର୍ଦ୍ଦମା ପାଣି ରାସ୍ତାରେ ଭାସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଆଗକୁ ଯଦି ଅଚଳ ନଳକୂପକୁ କାର୍ଯ୍ୟକ୍ଷମ କରି ବିଶୁଦ୍ଧ ପାନୀୟ ଜଳ ଜନସାଧାରଣଙ୍କୁ ଯୋଗାଇ ଦିଅ ନ ଯାଏ ତେବେ ସହରରେ ହଇଜା ଏବଂ ଡେଙ୍ଗୁ ଭଳି ରୋଗ ବ୍ୟାପିବା ସମ୍ଭାବନା ରହିଥିବା କୁହାଯାଇଛି।

**ପଞ୍ଚାୟତ କାର୍ଯ୍ୟାଳୟ ଘେରିବେ ଅଞ୍ଚଳବାସୀ**

# ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ବେଶ






**ବ୍ରହ୍ମପୁର,୩।୭(ସମିସ)**

ସହରର ରହିଥିବା ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ବେଶରେ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ବିଭିନ୍ନ ପରିଚାଳନା କମିଟି ପକ୍ଷରୁ ପ୍ରଭୁ ଜଗନ୍ନାଥ ଓ ବଡ଼ଠାକୁର ବଳରାମଙ୍କୁ ବିଭିନ୍ନ ଅବତାରରେ ସୁସଜ୍ଜିତ କରାଯାଇଥିଲା। ସହରର ପ୍ରମୁଖ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର, ପାତେଳେଶ୍ୱର ଜଗନ୍ନାଥ ମନ୍ଦିର, ବଡବଜାର ବଡଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିରର ମାଉସୀ ମା' ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ହନୁମାନ ବାଜାର ତିନୋଟି ମନ୍ଦିରର ମାଉସୀ ମା' ମନ୍ଦିର ହୋଇଥିବା ବେଳେ ସେହି ସ୍ଥାନରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ ମାଉସୀ ମା' ମନ୍ଦିର ନିକଟରେ ପୁଲିସ ମୁତୟନ କରାଯାଇଛି। ସହରର କିଛି ସ୍ଥାନରେ ସନ୍ଧ୍ୟାରେ ଭଜନ ସମାରୋହ ସହିତ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୫ ଗିରଫ



**ରଙ୍ଗେଇଲୁଣ୍ଡା, ୩।୭ (ସମିସ):** ଗୋଳନ୍ଥରା ଥାନା ଅଧୀନ ଗିରିସୋଲାର ଗ୍ରାମ ରେ ଏକ ଜୁଆ ଅଡ୍ଡାରେ ଆଜି ସନ୍ଧ୍ୟା ଗୋଳନ୍ଥରା ପୁଲିସ ଚଢ଼ଉ କରି ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୮ ହଜାର ୨ ଶହ ଟଙ୍କା, ଖେଳ ସାମଗ୍ରୀ, ୬ ମୋଟର ସାଇକେଲ ସହ ଚାରି ଗୋଟି ମୋବାଇଲ ଫୋନ ଜବତ କରିଥିବା ପୋଲିସ ସୂଚନା ଦେଇଛି। ଏହି ଥାନା ଅଧିନସ୍ଥଦୀର୍ଘ ଦିନ ଧରି ଚାଲି ଆସୁଥିବା ଗିରିସୋଲା ଗ୍ରାମ କିଛି ଯୁବକ ଜୁଆ ଆଡ୍ଡା ଚଳାଉ ଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ସନ୍ଧ୍ୟା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଏକ ପୋଲିସ ଟିମ ଗାଁ ପଡିଆ ରେ ଚଢ଼ାଉ କରିଥିବା ବେଳେ କିଛି ଜୁଆଡ଼ି ପୋଲିସକୁ ଚକମା ଦେଇ ଫେରାର ହୋଇଯାଥିଲେ । ଜୁଆ ଖେଳ କିଏ ଆୟୋଜନ କରୁଛି ଏଥିରେ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ଖୋଳତାଡ଼ ଆରମ୍ଭ କରିଛି ଯେଉଁମାନେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ।

## ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୩।୭(ସମିସ):** ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ମଳିଙ୍ଗୀ ଛକ ଠାରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ନୁଆଁ କୁସାପଲ୍ଲୀ ଗ୍ରାମର ବିଧବା ଆଶାଦିଦି ଛବିରାଣୀ ଡାକୁଆଙ୍କ ପୁଅ ତୋଫାନ ଡାକୁଆ ବୟସ (୧୭)। ପାଠ ପଢା ସାରି ଘରକୁ ଫେରୁଥିବା ବେଳେ ଆଜି ଦିନ ୨ଟା ବେଳେ ଗ୍ରାମ ଛକରେ ଲକ୍ଷ୍ମୀ ବସରୁ ଓଲହାଇ ଘରକୁ ଯିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି ୦୨ସିଡବ୍ଲୁ ୮୪୭୩ ନାମକ ଏକ ୱାଗ୍ନର ଗାଡି ଧକ୍କା ଦେଇ ପାଖରେ ଥିବା ଘର କାନ୍ଥକୁ ଧକ୍କା ଦେଇଥିଲା। ତୋଫାନ କଚାଡି ହୋଇ ତଳେ ପଡିଯାଇଥିବା ବେଳେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ତୋଫାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତି କରିଥିଲେ। ଗୁରୁତର ଥିବା ତୋଫାନଙ୍କୁ ଡାକ୍ତର ଭଞ୍ଜନଗର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧୀନ ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

**ରଙ୍ଗେଇଲୁଣ୍ଡା,୩।୭(ସମିସ):** ଗୋଳନ୍ଥରା ଥାନା ଅଞ୍ଚର ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ପରେ ଅପହରଣ ତଥା ଦୁଷ୍କର୍ମ ମାମଲାରେ ପୁଲିସ ଗୁରୁବାର ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗୋପାଳପୁର ଥାନା ଅଧିନସ୍ଥ ଗଞ୍ଜୁ ଗ୍ରାମର ଜୁନ୍ନୟ ରଣା (୨୫) ବୋଲି ତଦନ୍ତ ଅଧିକାରୀ ଗଗନ ବେହେରା କହିଛନ୍ତି। ଗତ ମାସ ୧୯ ତାରିଖରେ ଜୁନ୍ନୟ ପ୍ରଲୋଭନ ଦେଖାଇ ନାବାଳିକା ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଅପହରଣ କରି ଭୁବେନେଶ୍ୱର ନେଇଯାଇଲେ। ଏନେଇ ନାବାଳିକାଙ୍କ ଦାଦା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଥାନା କେସନଂ ୨୬୨/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଯୁବକଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ବୁଧବାର ପୁଲିସ ଗଞ୍ଜୁରୁ ନାବାଳିକା ଛାତ୍ରୀକୁ ଉଦ୍ଧାର କରିଥିଲା। ଛାତ୍ରୀଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରି ମାଇନ କରି ବିଏନଏସଏସ ୧୮୩ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଥିଲା।

## ପୋଖରୀରେ ବୁଡ଼ି ମହିଳା ମୃତ

**ପୁରୁଷୋତ୍ତମପୁର,୩।୭(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ଗ୍ରାମର ଭେଣ୍ଡା ବନ୍ଧରେ ଜଣେ ମହିଳା ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସୁଶିଳା ବେହେରା(୫୫)। ସେ ଅପରାହ୍ଣରେ ଭେଣ୍ଡା ବନ୍ଧକୁ ସ୍ନାନ ଶୌଚ ହେବା ପାଇଁ ଯାଇଥିଲେ। ବହୁ ସମୟଧରି ନ ଆସିବାରୁ ଅସାବଧାନତା ଯୋଗୁ କାଳେ ଗୋଡ ଖସି ପୋଖରୀରେ ବୁଡି ଯାଇଥିବା ନେଇ ସ୍ଥାନୀୟ ଜନସାଧାରଣ ଖୋଜା ଖୋଜି କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଅଗ୍ନିଶମ ବିଭାଗ ପହଞ୍ଚି ସୁଶିଳାକୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏଏସଆଇ ରାଜୀବ ଲୋଚନ ଶବର ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

## ଯୁବକଙ୍କ ମୃତ୍ୟୁ ଘଟଣାରେ ଜଣେ ଗିରଫ

**ଛତ୍ରପୁର,୩।୭(ସମିସ):** ଛତ୍ରପୁରଥାନାଅଧିନବ୍ରାହ୍ମଣିଆପଲ୍ଲୀଗ୍ରାମରଯୁବକ ମୃତ୍ୟୁ ଘଟଣାର ପୁଲିସ ପର୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବ୍ରାହ୍ମଣିଆପଲ୍ଲୀ ଗ୍ରାମର କେ. ସନ୍ତୋଷ ପାତ୍ର( ୩୮ ) ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ବ୍ରାହ୍ମଣିଆପଲ୍ଲୀ ଗ୍ରାମରେ ଥିବା ରେଳ ଫାଟକ ନିକଟରେ କୌଣସି କାରଣକୁ ନେଇ ଏ ଲାଚ୍ଛେୟାଙ୍କୁ ନାମକ ବ୍ୟକ୍ତି କିଛି ଦୁଇ ଜଣ ଯୁବକ ମାଡ଼ ମାରିଥିଲେ ପରବର୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ମୃତକଙ୍କ ବାପା ଏ ଡିଲୁ ପାତ୍ର ଥାନାରେ ଅଭିଯୋଗ କରିଥିଲେ।

● ଧରାକୋଟ କଙ୍ଗାରୁକୋର୍ଟ ଘଟଣା

## ତୃତୀୟ ପର୍ଯ୍ୟାୟରେ ୩ ଗିରଫ

**ଧରାକୋଟ,୩।୭(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମାର ବହୁ ଚର୍ଚ୍ଚିତ କଙ୍ଗାରୁ କୋର୍ଟ ଘଟଣାରେ ପୁଲିସ ପୁଣି ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଗିରଫ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ୧୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୁରୁବାର ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ରିତୁ ପୋଲେଇ ରତ୍ନପୁର, ଆଶିଷ ବରାଡ ବେଠୁଆର ଓ ସୁନିଲ ସ୍ୱାଇଁ ବେଠୁଆର ବୋଲି ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା କହିଛନ୍ତି।

## ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବଡ଼ସିଂହାର ବେଶ

**ଖଲ୍ଲିକୋଟ,୩।୭(ସମିସ):** ଖଲ୍ଲିକୋଟ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୨ଟାରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ଜୀଉଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବା ପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ମନ୍ଦିର ଭିତରେ ଖଲ୍ଲିକୋଟର କୁନି କଳାକାର କ୍ରିପାଲିନ ଆଚାର୍ଯ୍ୟଙ୍କ ଶୋଭା ବଡ଼ ସିଂହାର ବେଶ ହେ ରାଧା ଇଶ ଗୀତରେ ଦେବଦାସୀ ନୃତ୍ୟ ପରିବେଷଣ ମଧରାତ୍ରୀ ରେ ଭକ୍ତ ମାନଙ୍କୁ ବେଶ ଆକୃଷ୍ଟ କରିଥିଲା।

## ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗ୍

## ନଟରାଜ ଓ ବ୍ରହ୍ମପୁର ପୁଲିସ ଦଳ ବିଜୟୀ



**ବ୍ରହ୍ମପୁର,୩।୭(ସମିସ):** ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗର ଗୁରୁବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପ୍ରଥମ ମ୍ୟାଚ ନଟରାଜ ଫୁଟବଲ କ୍ଲବ ବନାମ ଛତ୍ରପୁର ଟାଉନ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ନଟରାଜ ଫୁଟବଲ କ୍ଲବ ଛତ୍ରପୁର ଟାଉନ ଫୁଟବଲ କ୍ଲବକୁ ୬ଟି ଗୋଲ ଦେଇଥିବା ବେଳେ ଛତ୍ରପୁର ଦଳ କୌଣସି ଗୋଲ ଦେଇ ପାରିନଥିଲା। ଫଳରେ (୬-୦) ଗୋଲ ବ୍ୟବଧାନରେ ଛତ୍ରପୁର କ୍ଲବକୁ ନଟରାଜ କ୍ଲବ ପରାସ୍ତ କରିଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବ୍ରହ୍ମପୁର ପୋଲିସ ଦଳ ବନାମ ଖେମୁଣ୍ଡି ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଖେମୁଣ୍ଡି କ୍ଲବ (୧-୩) ଗୋଲ ବ୍ୟବଧାନରେ ବ୍ରହ୍ମପୁର ପୋଲିସ ଦଳ ଠାରୁ ପରାସ୍ତ ହୋଇଥିଲା। ମ୍ୟାଚ ରେଫେରୀ ଭାବେ ଭିନସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା ଓ ରମାକାନ୍ତ ବିଷୋୟୀ ଖେଳ ପରିଚାଳନା କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଏଲ୍. କେ. ରାଓରେଡି, ଗଞ୍ଜାମ ପୋଲିସ ରିଜର୍ଭ ଇନ୍ସପେକ୍ଟର ଅମୂଲ୍ୟ ନାୟକ, ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ, ବ୍ରହ୍ମପୁର ପୋଲିସ କନଷ୍ଟେବଲ ଓ ହାବିଲଦାର ୟୁନିଅନର ସଭାପତି ନୟନ ଆଚାର୍ଯ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ସଂଘ ଓ ଫୁଟବଲ ସଂଘର କର୍ମକର୍ତ୍ତା ଯଥା ଡି. ଆପାରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ. ପାତ୍ର, ଜି. ଏମ ବାବୁ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଶିକ୍ଷକ ମହାସଂଘ ରାଜ୍ୟ ସମ୍ମିଳନୀ ପ୍ରସ୍ତୁତି

**ଛତ୍ରପୁର,୩।୭(ସମିସ):** ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ୩୮ ତମ ରାଜ୍ୟ ସାମ୍ବିଧାନିକ ସମ୍ମିଳନୀ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚଳିତ ମାସ ୯ ଓ ୨୦ ଦୁଇ ଦିନ ଧରି ଆୟୋଜିତ ହେବ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହି ସମ୍ମିଳନୀର ଅଭ୍ୟର୍ଥନା ସମିତିର ସଭାପତି ରହିଥିବା ବେଳେ ଟାଙ୍ଗଣାପଲ୍ଲୀ ପଞ୍ଚାୟତ ସରପଞ୍ଚ ବି. ସୁଦାମ ଉପସଭାପତି ରହିଛନ୍ତି। ସମ୍ମିଳନୀକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଉକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀର ମୁଖ୍ୟ ଆବାହକ କାମରାଜୁ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଧନଞ୍ଜୟ ରାଉତରାୟ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାୟକ, ବିଶ୍ୱ ଶିକ୍ଷକ ସଂଘର ସଭାପତି ଡଃ ଅମୀୟ କୁମାର ମହାନ୍ତି, ଅଧାପକ ଦୁର୍ଯ୍ୟୋଧନ ପରିଡ଼ା, ଅକ୍ଷୟ ଦାସ, ଅଜୟ କୁମାର ସାହୁ ପ୍ରମୁଖ ରାଜ୍ୟ ନେତୃତ୍ୱ ଯୋଗଦେଇଥିଲେ। ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ ମହାସଂଘର



ରାଜ୍ୟ ସମ୍ମିଳନୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସରପଞ୍ଚ ବି.ସୁଦାମ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ, ଦେବହରି ମହାନ୍ତି, କୋରା ମହାରଣା, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକ ସମ୍ମିଳନୀର ସଫଳତା ଉପରେ ପରାମର୍ଶ ଦେଇଥିଲେ।

## ଉଡାପଡ଼ା ସେବାଶ୍ରମରେ ବନମହୋତ୍ସବ



**ଜି.ଉଦୟଗିରି,୩।୭(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ୍ ଉଡାପଡ଼ା ସେବାଶ୍ରମ ବିଦ୍ୟାଳୟର ପ୍ରକୃତିବନ୍ଧୁ ଶିକ୍ଷକ ଦୈତ୍ୟାରୀ ଡିଗାଲଙ୍କ ତତ୍ତ୍ୱାବଧାନରେ ବନମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ଓ ବନପାଳ ପ୍ରଶାନ୍ତ ସାହୁ ବନରକ୍ଷୀ ମନୋଜ ମହାପାତ୍ରଙ୍କ ସହ ମିଶି ଚାରା ରୋପଣ କରିଥିଲେ। ଚାରାରୋପଣର ସମ୍ପର୍କରେ ସଚେତନ କରାଯାଇଥିଲା। ଗ୍ରାମବାସୀଙ୍କୁ ପ୍ରଧାନ ଶିକ୍ଷକ ମାଗଣା ଚାରା ବଣ୍ଟନ କରିଥିଲେ। ବିଦ୍ୟାଳୟର ଭାବନନ୍ଦ ପ୍ରଧାନ, ଦାମିନି ପ୍ରଧାନ, ମନୋରମା ପ୍ରଧାନ ଓ ରୁପା ଦେଇନାୟକ ସହଯୋଗ କରିଥିଲେ।

## ଶଙ୍କରାଖୋଲ ଚର୍ଚ୍ଚରେ ସାଧୁ ଥୋମାସ୍ ପର୍ବ



**ଚକାପାଦ,୩।୭(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ଇଷ୍ଟ ସାଧୁ ଥୋମାସ ପାରିସ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରରୁ ଆର୍ଚ୍ଚବିଷପ ଯୋହନ ବରୁଓ୍ୱା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ, ଚର୍ଚ୍ଚର ମୁଖ୍ୟ ଯାଜକ ସୁଶାନ୍ତ କହଁର, ସହକାରୀ ଯାଜକ କୁଳକାନ୍ତ ଦଣ୍ଡସେନା, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କୁ ଶୋଭାଯାତ୍ରାରେ ନାଚ ମାଧ୍ୟମରେ ପାଛୋଟି ଅଣାଯାଇଥିଲା। ଏଥି ସହ ଅଞ୍ଚଳର ଯାଜକ ଓ ଖ୍ରୀଷ୍ଟ ବିଶ୍ୱାସୀ ଉପସ୍ଥିତ ରହି ସାଧୁ ଥୋମାସଙ୍କ ଜରିଆରେ ପ୍ରାର୍ଥନା କରାଯାଇଥିଲା। ଯାଜକ ମାନେ ଯୀଶୁଙ୍କ ବାଣୀ ସହ ତାଙ୍କର ନୀତି ଅନୁସରଣ କରି ପଥ ଚାଲିବାକୁ ପରାମର୍ଶ ଦେଇଥିଲେ ଏବଂ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ରାଜ୍ୟ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

ବାଳକ ବର୍ଗରେ 'ଗଞ୍ଜାମ' ବାଳିକାରେ 'କଟକ' ଚାମ୍ପିଅନ



**ବ୍ରହ୍ମପୁର,୩।୭(ସମିସ):** ନିଷ୍ଟ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୧ତମ ରାଜ୍ୟ ଜୁନିଅର ବାସ୍କେଟବଲ୍ ଚାମ୍ପିଆନସିପ ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗଞ୍ଜାମ ଦଳ (୭୧-୬୮) ପଏଣ୍ଟ ବ୍ୟବଧାନରେ କଟକ ଦଳକୁ ପରାସ୍ତ କରି ଚାମ୍ପିଆନ ହୋଇଥିଲା। ସେହିଭଳି ପ୍ରତିଯୋଗିତାର ବାଳିକା ବର୍ଗରେ କଟକ'ର ଏଣ୍ଟର୍ଟେନର ଦଳ ପୁରୀ ଦଳକୁ (୫୫-୫୨) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚମ୍ପିୟାନ ହୋଇଛନ୍ତି। ଉଦଯାପନ ଉତ୍ସବରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଭୟ ବର୍ଗର ଚାମ୍ପିଆନ ଓ ରନର୍ସ ଅପ ଦଳକୁ ପୁରସ୍କାର ବିତରଣ କରିଥିଲେ। ଚମ୍ପିୟାନ ଦଳକୁ ୧୦ହଜାର ଏବଂ ରନର୍ସଅପ ଦଳକୁ ୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହିତ ବିଜେତା କ୍ୟାପ ଓଡ଼ିଶା ବାସ୍କେଟବଲ ଆସୋସିଏସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ବାଳକ ବର୍ଗରେ ଶ୍ରେଷ୍ଠ ଖେଳାଳୀ ଭାବେ ଚାମ୍ପିଆନ ଗଞ୍ଜାମ ଦଳର ଆଲୋକ ଲାକ୍ରା ଏବଂ ବାଳିକା ବର୍ଗରେ ସୁଶ୍ରୀ କାଜଲ ବାରିକ ପୁରସ୍କୃତ ହୋଇଥିଲେ। ଏଥିରେ ରାଜ୍ୟ ବାସ୍କେଟବଲ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ନିରଜ ଯାଦବ, ଅମିୟ ମହାପାତ୍ର, ରଶ୍ମି ସାମନ୍ତରା, ସନ୍ତୋଷ ମହାନ୍ତି, ଶରତ ମହାପାତ୍ର ଏବଂ ଶତାଧିକ ଖେଳାଳୀ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିବା ଆୟୋଜକ ରାଜ୍ୟ ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁ ଜଣାଇଛନ୍ତି।

## ବିଇଏମ୍‌ସି ଆୟୁକ୍ତଙ୍କ ସହ ସହରତଳି କ୍ରିୟାନୁଷ୍ଠାନ କମିଟିର ଆଲୋଚନା



**ବ୍ରହ୍ମପୁର,୩।୭(ସମିସ):** ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ର ନୂତନ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜେର୍ଶିକେଙ୍କୁ ଭେଟିବା ସହ ସହର ତଳି ଅଞ୍ଚଳ ମିଶ୍ରଣ ନେଇ ଆଲୋଚନ କରିଛନ୍ତି। ନିକଟରେ କମିଶିନରଙ୍କ ଦ୍ୱାରା ୧୮ଟି ପଞ୍ଚାୟତ ପରିବର୍ତ୍ତେ ଯେଉଁ ଚାରୋଟି ଗ୍ରାମ ବିଏମସିରେ ମିଶ୍ରଣ ନେଇ ସୁପାରିଶ କରାଯାଇଛି। ସେ ସମ୍ପର୍କରେ କମିଟି ସଦସ୍ୟ ସବିଶେଷ ଆଲୋଚନା କରିଥିଲେ। ଖୁବଶୀଘ୍ର ସମସ୍ତ ପଞ୍ଚାୟତର ମିଶ୍ରଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ଯାଉଥିବା କମିଟି ସଦସ୍ୟ ଜାଣିବାକୁ ପାଇଥିଲେ। ଆଗାମୀ କାଉନସିଲ ବୈଠକ ଏଜେଣ୍ଡାରେ ଏହି ପ୍ରସଙ୍ଗକୁ ସାମିଲ କରିବା ପ୍ରସ୍ତାବକୁ ସେ ସମ୍ମତି ଜଣାଇଥିଲେ। ସେହିଭଳ କମିଶନରଙ୍କ ସହ ଆଲୋଚନା ସମୟରେ ଟାୱାର ଲାଇନ ରାସ୍ତା କାମ, ବୈକୁଣ୍ଠ ନଗର ସ୍ଥିତ ସ୍ପୋର୍ଟସ ଏରେନାଠାରୁ ବ୍ରଜନଗର ଦେଇ ଜ୍ୟୋତି ନଗର ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଡ୍ରେନ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଲୋଚନା ବେଳେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର, ସହ ସମ୍ପାଦକ ବି ଭି ସାଗର, ସହ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ ଓ ଉପଦେଷ୍ଟା ଜୀତେନ୍ଦ୍ର କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୋସିଆଲ ମିଡିଆରେ ଅପପ୍ରଚାର : ବଜ୍ରକୀଳା ସମ୍ପାଦକ ଗିରଫ

ମାନହାନି ମୋକଦ୍ଦମା କରିବେ ବିଧାୟକ

**ଖଲ୍ଲିକୋଟ,୩।୭(ସମିସ):** ମଥୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ତାଙ୍କ ଦିଅରଙ୍କ ସହ ଖଲ୍ଲିକୋଟ ବିଧାୟକ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ସୋସିଆଲ ମିଡିଆରେ ଖବର ପ୍ରସାରଣ କରିବା ଅଭିଯୋଗରେ ବୁଧବାର ଭୁବନେଶ୍ୱରରୁ ବଜ୍ରକୀଳା ସମ୍ପାଦକ ବରଦା ପ୍ରସନ୍ନ ଶତପଥୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗତ କିଛି ଦିନ ତଳେ ମଥୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ, ତାଙ୍କ ଦିଅର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ସହ ମିଶି ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ବଜ୍ରକୀଳା ସମ୍ପାଦକ ବରଦା ପ୍ରସନ୍ନ ଶତପଥୀ ସୋସିଆଲ ମିଡିଆରେ ଖବର ପ୍ରସାରଣ କରିଥିଲେ। ଏହା ବିରୋଧରେ ଗତ ମାସ ୨୪ ତାରିଖରେ ମଥୁରା ପୂର୍ବତନ ସରପଞ୍ଚ ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୫୩୨/୨୦୨୫ ଅନୁଯାୟୀ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଆଜି ଦିନ ପ୍ରାୟ ୨ ଟା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ୍‌ଆଇ ମାନସୀ ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, କନେଷ୍ଟବଳ ରମାକାନ୍ତ ନାୟକ, ପ୍ରସନ୍ନ ରଇତ ପ୍ରମୁଖ ଭୁବନେଶ୍ୱରର ଏକ ସ୍ଥାନରେ ଚଢ଼ଉ କରି ସମ୍ପାଦକଙ୍କୁ ଗିରଫ କରିଥିଲେ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଆଜି ରାତି ୯ ଟାରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଯେଉଁଥିରେ ବିଧାୟକଙ୍କ ସମେତ ମଥୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିତା କୁମାରୀ ଜେନା, ଖଲ୍ଲିକୋଟ ବ୍ଲକ ଅଧକ୍ଷ ପ୍ରତିନିଧି ଅରୁଣ କୁମାର ଖୁଣ୍ଟିଆ, ତାଳପଡ଼ା ସରପଞ୍ଚ ମନୋଜ କୁମାର ସେଠୀ, ଦାନପୁର ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ ବିଜେପି ନେତା ନିରଞ୍ଜନ ନାୟକ, ସକଳେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ରହି ଏଭଳି ମିଥ୍ୟା ଖବର ପରିବେଷଣକୁ ନିନ୍ଦା କରିଥିଲେ ଏବଂ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଥିଲେ। ମିଥ୍ୟା ଖବର ପରିବେଷଣ ଯୋଗୁଁ ସାଧାରଣରେ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଥିବାରୁ ସେ ବଜ୍ରକିଳା ସମ୍ପାଦକଙ୍କ ବିରୋଧରେ କୋଟିଏ ଟଙ୍କାର ମାନହାନି ମୋକଦ୍ଦମା କରିବେ ବୋଲି ବିଧାୟକ କହିଛନ୍ତି।

